## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ମହାକାଳପଡା, ୧୨ା୩ (ଡି.ଏନ୍.ଏ.):** ମହାକାଳପଡା ବ୍ଲକ କଂସାର ବଡ ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ତରପଦା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ତରପଦା ଗ୍ରାମର ଅନିଲ ଗାଏନ, ସୁନୀଲ ଗାଏନ ଓ ସୁଶୀଳ ଗାଏନଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଅନିଲଙ୍କ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଅନିଲଙ୍କ ବଖରାରେ ପ୍ରଥମେ ନିଆଁ ଲାଗି ପାଖ ବଖରାଗୁଡିକୁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଲୋଭାବତୀ ରାଉତ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ତହସିଲଦାର ରମେଶ ଚନ୍ଦ୍ର ସେଠୀ କହିଛନ୍ତି, ସରକାରୀ ନିୟମାନୁସାରେ ତଦନ୍ତ ରିପୋର୍ଟ ମିଳିବା ପରେ ସହାୟତା ପ୍ରଦାନ କରାଯିବ।

### ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ରାଜକନିକା, ୧୨ା୩(ଡି.ଏନ.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତସ୍ଥିତ ତାରିଣୀ ଇଣ୍ଟର ନ୍ୟାଶନାଲ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଓଡ଼ିଶା ଶିଶୁ କମିଶନ ଆୟୋଗର ସଦସ୍ୟ ସୁନନ୍ଦା ପତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଚରପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ବଳ, ମୁଖ୍ୟବକ୍ତା ଭରତ ଚନ୍ଦ୍ର ସମାଜସେବା ଟ୍ରଷ୍ଟର ସଭାପତି ଶିବରାମ ଦାସ ଓ ସମ୍ମାନିତ ଅତିଥିଭାବେ ଯାଜପୁର ଜିଲାପରିଷଦର ପ୍ରାକ୍ତନ ଅଧକ୍ଷ ସୁଶାନ୍ତ ମିଶ୍ର, ଚନ୍ଦ୍ରକାନ୍ତ ସାମଲ, ପ୍ରାକ୍ତନ ଜିଲା ପରିଷଦସଭ୍ୟ ସଭ୍ୟ ସନ୍ତୋଷ କୁମାର ମଲିକ ମନ୍ମଥ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ପିଲାଙ୍କ ଭବିଷ୍ୟତ ଗଢିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧକ୍ଷ ବିବେକ ରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗଣେଶ ସାହୁ,ବର୍ଷା ରଥ, ଭାଗ୍ୟଲକ୍ଷ୍ମୀ ସାହୁ, ସୁଜାତା ଦାସ, ସତ୍ୟଜିତା ନାୟକ, ସୁରେଶ ନାୟକ ଓ ମିନତି ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସ୍ନିଗ୍ଧାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ,ଗୀତ ଓ ଡ୍ରାମା ଆଦି ପରିବେଷଣ କରାଯାଇଥିଲା।

# ଇଚ୍ଛାବତୀ ନଦୀ ପାଲଟିଛି ପ୍ରବେଶ ଦ୍ୱାର

**ପ୍ରତାପ ଚନ୍ଦ୍ର ସ୍ୱାଇଁ**
**ମହାକାଳପଡା,୧୨ା୩**

**କେନ୍ଦ୍ରାପଡ଼ା ଜିଲା**
- ଅନୁପ୍ରବେଶ ସମସ୍ୟା ଉଦ୍‌ବେଗଜନକ
- ୨୦୦୫ ଗଣନାରେ ୧୫୫୧ ଅନୁପ୍ରବେଶକାରୀ ଚିହ୍ନଟ
- ସାମୁଦ୍ରିକ ଥାନାରେ ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା

କେନ୍ଦ୍ରାପଡା ଜିଲାରେ ଅନୁପ୍ରବେଶ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ଜିଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ସମସ୍ୟା ଏବେ ଚିନ୍ତାର କାରଣ ହୋଇଛି। ଜିଲା ଦେଇ ପ୍ରବାହିତ ଇଚ୍ଛାବତୀ ନଦୀରେ ଏବେ ଅନୁପ୍ରବେଶକାରୀଙ୍କ ପାଇଁ ପ୍ରବେଶ ପଥ ପାଲଟିଛି। ଏହି ନଦୀରେ ଡଙ୍ଗା ପାର ହୋଇ ସେମାନେ ଭାରତ ସୀମାରେ ପ୍ରବେଶ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆଡ୍ଡା ଜମାଉଛନ୍ତି। ମାତ୍ର ପ୍ରଶାସନ ସବୁ ଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ବସି ରହିଛି। ଫଳରେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଏହି ବ୍ଲକର ଜମ୍ବୁ ଓ ତନ୍ତିଆପାଳରେ ୨ଟି ମେରାଇନ ଥାନା ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଅନୁପ୍ରବେଶ ରୋକିବାରେ ପୋଲିସ ସକ୍ଷମ ହେଉନାହିଁ। ୨୦୦୫ରେ ରାଜ୍ୟ ସରକାର ଏହି ଅଞ୍ଚଳରେ ଥିବା ଅନୁପ୍ରବେଶକାରୀଙ୍କ ଉପରେ ସର୍ଭେ କରିଥିଲେ। ଏହି ସର୍ଭେ ଅନୁସାରେ ସେତେବେଳେ ଜିଲାରେ ଅନୁପ୍ରବେଶଙ୍କ ସଂଖ୍ୟା ୧୫୫୧ ଥିବା ବେଳେ ଏବେ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି। ଚଳିତ ବର୍ଷ ଭୋଟର ପରିଚୟପତ୍ର ସଂଶୋଧନ ସମୟରେ ୧୩୪ ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଜିଲାରେ ୩୯ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳାଭାଷୀ ଭୋଟର ଥିବା ଜଣାପଡିଛି। ବିଶେଷକରି ବ୍ଲକ ଅନ୍ତର୍ଗତ ବଟିଘର, ଜମ୍ବୁ, ସୁନିତି, ଗଗୁଆ, ଖରିନାସୀ, ରାମନଗର, ବଉଳକଣୀ ଆଦି ଉପକୂଳ ଅଞ୍ଚଳରେ ବାଂଲା ଅନୁପ୍ରବେଶକାରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ବାଂଲାଦେଶର ବସିରହାଟ, ହାସନବାଦ, ବରିସାଲ, ଚଟଗ୍ରାମ, ଢାକା, ନୂଆଖଲି, ଖୁଲନା ଆଦି ଅଞ୍ଚଳର ସଂଖ୍ୟାଧିକ ଲୋକ ବିଳମ୍ବିତ ରାତିରେ ସମୁଦ୍ର ପଥରେ ଏହି ବାଟଦେଇ ଭାରତ ସୀମାରେ ପ୍ରବେଶ କରୁଛନ୍ତି। ସ୍ଥାନୀୟ ଦଲାଲଙ୍କ ସହାୟତାରେ ଇଚ୍ଛାବତୀ ନଦୀରେ ଡଙ୍ଗା ପାରହୋଇ ଭାରତ ସୀମାରେ ପ୍ରବେଶ କରୁଥିବା ଅଭିଯୋଗ ହେଉଛି। ପରେ ବ୍ଲକ ଅନ୍ତର୍ଗତ ସମୁଦ୍ର ଉପକୂଳବର୍ତ୍ତୀ ହେଟାମୁଣ୍ଡିଆ, କଂସାରଡ଼ିଆ, ଲଞ୍ଚଘୋଲ, ଷୋଳମୁଲାଣ, ହୁକିଟୋଲା ଆଦି ଅଞ୍ଚଳରେ ଅସ୍ଥାୟୀ ଭାବେ ବସବାସ କରୁଛନ୍ତି। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କୁ ହାତବାରିସି କରି ପେଟ ପୋଷିବା ବାହାନାରେ ବ୍ୟବସାୟ କରିଥାନ୍ତି। କେତେଜଣ ଅନୁପ୍ରବେଶକାରୀ ଚିଙ୍ଗୁଡ଼ିଘେରିରେ ଶ୍ରମିକଭାବେ କାର୍ଯ୍ୟ କରୁଥିବା ବେଳେ କେତେଜଣ ମତ୍ସ୍ୟଜୀବୀ ଭାବେ କାର୍ଯ୍ୟ କରିଥାନ୍ତି। ବହୁ ଅନୁପ୍ରବେଶକାରୀ କପଡ଼ା, ସପ, ମଶିଣା, ପ୍ଲାଷ୍ଟିକ ସାମଗ୍ରୀ, ଲୁହା, ବାସନକୁସନ, ମନୋହରୀ ସାମଗ୍ରୀ ବ୍ୟବସାୟ କରିଥାନ୍ତି। ପରେ ଆର୍ଥିକ ସ୍ଥିତି ମଜଭୁତ ହେଲେ ସ୍ଥାନୀୟ ଅଞ୍ଚଳର ସରକାରୀ, ଜଙ୍ଗଲ ଜମିରେ ଜବରଦଖଲ କରି ରୁହନ୍ତି। ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳରେ ବିବାହ କରିବା ସହ ସରକାରୀ କର୍ମଚାରୀଙ୍କୁ ଲାଞ୍ଚ ଦେଇ ବିନା କାଗଜପତ୍ରରେ ଜମି କ୍ରୟ କରି ସ୍ଥାୟୀଭାବେ ବସବାସ କରିଥାନ୍ତି। ସେହିପରି କେତେଜଣ ବାଂଲାଭାଷୀ ସ୍ଥାନୀୟ ଅଞ୍ଚଳରେ ନକଲି ଗାଁ ବଇଦ ବା କ୍ୱାକ ସାଜି ଚେରମୂଳି ଓ ଆୟୁର୍ବେଦ ଔଷଧ ଦେଇ ଲୋକଙ୍କ ଚିକିତ୍ସା କରିଥାନ୍ତି। ବହୁ ସମୟରେ ଏପରି କ୍ୱାକଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସାରେ ରୋଗୀଙ୍କ ଅକାଳ ମୃତ୍ୟୁ ଘଟିଥିବା ପୂର୍ବରୁ ନଜିର ରହିଛି। ବିଭିନ୍ନ ସମୟରେ ଅନୁପ୍ରବେଶକାରୀମାନେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଯଥା ନକଲି ଟଙ୍କା ଛାପିବା, ନକଲି ରେଡ଼ିଓ ଷ୍ଟେଶନ ପ୍ରତିଷ୍ଠା, ନିଶାଦ୍ରବ୍ୟ କାରବାର, ମାରଣାସ୍ତ୍ର କାରବାର, ଯୁବତୀ ଚାଲାଣ କରିବା ଆଦି ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଏନେଇ ଦେଶର ସୁରକ୍ଷା ପ୍ରତି ବିପଦ ଆଶଙ୍କା ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅପରପକ୍ଷେ ମହକାଳପଡାରେ ଥିବା ୨ ସାମୁଦ୍ରିକ ଥାନାରେ ବାହ୍ୟ ଶତ୍ରୁକୁ ମୁକାବିଲା ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର,ସୁରକ୍ଷା ସାମଗ୍ରୀ ଓ ଦକ୍ଷ କର୍ମଚାରୀଙ୍କ ଅଭାବ ରହିଛି।

ଏନେଇ ସରକାର ପକ୍ଷରୁ ପଦକ୍ଷେପ ନିଆଗଲେ, ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଗଲେ ଏହି ସମସ୍ୟା ଦୂର ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ଏସ୍‌ପି, ନୀତିଶେଖର କହିଛନ୍ତି ଅନୁପ୍ରବେଶ ରୋକିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏଠାରେ ପାଟ୍ରୋଲିଂ କଡାକଡି କରାଯାଉଛି। ସନ୍ଦେହଜନକ ବ୍ୟକ୍ତିଙ୍କୁ ଦେଖିଲେ ମତ୍ସ୍ୟଜୀବୀମାନେ ତୁରନ୍ତ ଥାନାରେ ସୂଚନା ଦେବାକୁ ପୋଲିସ ପକ୍ଷରୁ ସଚେତନତା କରାଯାଉଛି ବୋଲି ସେ କହିଛନ୍ତି।

### ■ ମିଲରଙ୍କୁ ଦିଆଯାଉନି ଟାର୍ଗେଟ

## ମଣ୍ଡିରେ ଅବ୍ୟବସ୍ଥା, ଚିନ୍ତାରେ ଚାଷୀ

**ଡେରାବିଶ, ୧୨ା୩ (ସ୍ୱ.ପ୍ର.)**

ମିଲରମାନଙ୍କୁ ଟାର୍ଗେଟ ଦିଆଯାଇ ନ ଥିବାରୁ ମଣ୍ଡିରେ ଧାନ ବିକ୍ରି କରିବା ଚାଷୀଙ୍କ ପାଇଁ କାଠିକର ପାଠ ହୋଇଛି। ମଣ୍ଡି ଆଗରେ ଚାଷୀଙ୍କର ଶହ ଶହ ଧାନ ବସ୍ତା ପଡ଼ି ରହିଥିବା ବେଳେ ଅନେକେ ଚାଷୀ ଧାନ ବସ୍ତା ଫେରାଇ ଆଣି ବାହାରେ ବେପାରୀଙ୍କୁ କମ୍ ଦରରେ ବିକ୍ରି କରୁଥିବା ଦେଖାଗଲାଣି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନରେ ଥିବା ସମବାୟ ସମିତିରେ ଏଭଳି ପରିସ୍ଥିତି ଉପୁଜିଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ମିଲରମାନଙ୍କୁ ଟାର୍ଗେଟ୍ ଦିଆନଯିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। କେତେକ ଚାଷୀ ଘରେ ଧାନ ରଖି ଚିନ୍ତାରେ ବସିଛନ୍ତି। ଓଡ଼ିଶା ସରକାରଙ୍କ 'ସମବାୟ ଆପଣଙ୍କ ଦ୍ୱାରରେ' ଯୋଜନା ମାଧ୍ୟମରେ ଚାଷୀଙ୍କୁ ଋଣ ଦେବା ସମୟରେ ଚାର୍ଜକ୍ରିଏସନ୍ (ଜମି ବନ୍ଧକ) ନ କରିବା, ଅଂଶଧନ ନ କାଟିବା ଓ ସୁଧହାରରେ ରିହାତି ଦିଆଯିବା ପ୍ରଚାର କରିଥିଲେ ବି ଏହା ଅଧିକାଂଶ ସମବାୟ ସମିତିରେ ପାଳନ କରାଯାଉନାହିଁ। ମଣ୍ଡି ଖୋଲିବା ପରଠାରୁ ସମସ୍ତ ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ, ଧାନ ମୋଟା, ସରୁ ଧାନର ପ୍ରକାର ଭେଦ ଓ ଓଜନରେ କାଟ କରାଯିବ ନାହିଁ ବୋଲି ନିୟମ କରାଯାଇଥିଲା। ବିକ୍ରି ଧାନର ପରିମାଣ ନେଇ କୌଣସି କଟକଣା ରହିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ମିଲରମାନେ ସବୁଦିନ ଧାନ କିଣୁ ନଥିବା ବେଳେ ଧାର୍ଯ୍ୟ ହୋଇଥିବା ଦିନରେ ମିଲରମାନେ ସମିତିରେ ଉପସ୍ଥିତ ରହୁ ନଥିବା ଯୋଗୁ ଧାନ ମଣ୍ଡିରେ ପଡ଼ିରହୁଛି। କପିଳେଶ୍ୱର, ଦାନପୁର, ରତାଦିଆ, ପଲେଇ ସମିତିର ଗୋଦାମ ଘର ନଥିବାରୁ ଏଠାରେ ଧାନ ବାହାରେ ପଡ଼ିରହୁଛି। ମିଲରମାନଙ୍କୁ ଟାର୍ଗେଟ୍ ନଦିଆଯିବାରୁ ଧାନ ପ୍ରାୟ ମଣ୍ଡିରେ ପଡ଼ିରହିଛି। ଏ ପର୍ଯ୍ୟନ୍ତ ବି ଅନେକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନାହାନ୍ତି। ତେବେ ତୁରନ୍ତ ଯୋଗାଣ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ନିର୍ବାଚନ ଆଚରଣ ବିଧି ଲାଗୁ: ହଟିଲା ରାଜନୈତିକ ହୋର୍ଡିଂ

**ରାଜକନିକା, ୧୨ା୩(ଡି.ଏନ୍.ଏ.)**

ନିର୍ବାଚନ କମିଶନଙ୍କ ଦ୍ୱାରା ଆଦର୍ଶ ଆଚରଣ ବିଧି ଲାଗୁହେବା ପରେ ମଙ୍ଗଳବାର ରାଜକନିକା ବ୍ଲକର ବିଭିନ୍ନ ଅଞ୍ଚଳରେ ଲାଗିଥିବା ରାଜନୈତିକ ଦଳର ହୋର୍ଡିଂ, ବ୍ୟାନର ଓ ତୋରଣଗୁଡିକୁ ହଟାଯାଇଛି। ଅବାଧ ନିରେପେକ୍ଷ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ରାଜକନିକା ବିଡିଓ ତଥା ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ ପୋଲିସ କର୍ମଚାରୀଙ୍କୁ ସାଙ୍ଗରେ ନେଇ ବିଭିନ୍ନ ଦଳର ରାଜନୈତିକ ହୋର୍ଡିଗୁଡିକୁ ହଟାଇଥିଲେ। ଏହି ଅବସରରେ ବ୍ଲକ ଛକ, ଅଶୋକ ବଜାର, ଚନ୍ଦନ ପୋଖରୀ ଛକ, ଓଳାଭର କଣ୍ଟପଡ଼ା, ଆୟତନ, କାଟଣା, ଜୟନଗର, ନହୁଲିଆ ଛକରୁ ଦଳୀୟ ତୋରଣ, ବ୍ୟାନରଗୁଡିକୁ କଢ଼ାଯାଇଥିଲା।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

**ଆଳି, ୧୨ା୩ (ଡି.ଏନ.ଏ.)**

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜିକା ରୋସ୍ନା ସାହୁ ମୁଖ୍ୟଅତିଥି, ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ୪ନଂ. ଜୋନ ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଲିକ, ଆଳି ବ୍ଲକ ସଂଯୋଜିକା ଭକ୍ତି କର, ପ୍ରତିଭା ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟବାସୀଙ୍କ ମତାମତ ଓ ନୂତନ ପ୍ରସ୍ତାବଗୁଡିକୁ ନେଇ ଆଗାମୀ ଦିନରେ ଦଳ ପକ୍ଷରୁ ଇସ୍ତାହାର ପ୍ରକାଶ ପାଇବ ବୋଲି କହିଥିଲେ ଜିଲା ସଂଯୋଜିକା ସାହୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ୩ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୁମନ୍ତ ରାଉତ, ବ୍ଲକ ଉପାଧକ୍ଷ ଦୀପକ ଭୂୟାଁ, ବିଜେଡି ସଭାପତି କେଦାର ନାଥ ବେହେରା, ବଡାମ୍ବିଳା ସରପଞ୍ଚ ଭରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇଥିଲେ।

## ଏସିଡ୍ ପୀଡ଼ିତଙ୍କୁ ଦେଢ ଲକ୍ଷ ଟଙ୍କା କ୍ଷତିପୂରଣ

**କେନ୍ଦ୍ରାପଡା ଅଫିସ, ୧୨ା୩**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅଞ୍ଚଳରେ ୨୦୧୮ ଘଟିଥିବା ବହୁଚର୍ଚ୍ଚିତ ଏସିଡ୍ ଫିଙ୍ଗା ମାମଲାରେ ପୀଡିତ ପରିବାରକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆବେଦନକୁ ବିଚାର କରି ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ବାସୁଦେବ ପଣ୍ଡା ପୀଡିତ ପରିବାରର ସଦସ୍ୟଙ୍କୁ ଦେଢ଼ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ଅକ୍ଟୋବର ୯ରେ ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କ ଗ୍ରାମର ହିମାଂଶୁ ଶେଖର ବାରିକ ସ୍ତ୍ରୀ ଓ ୨ ଝିଅଙ୍କ ସହ ରାତିରେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଘରର ଝରକା ବାଟେ ସେମାନଙ୍କ ଉପରକୁ ଏସିଡ୍ ଫିଙ୍ଗି ଦେଇଥିଲେ। ଏଥିରେ ହିମାଂଶୁଙ୍କ ସହ ତାଙ୍କ ଦୁଇଝିଅ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଦୁଇ ଝିଅ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଏସିଡ୍ ମାଡରେ ହିମାଂଶୁଙ୍କ ୨ ଆଖି ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ହିମାଂଶୁଙ୍କ ମା' କୁନିଲତା ବାରିକ ଜିଲା ଆଇନସେବା ପ୍ରାଧିକରଣର ସହାୟତା ଲୋଡିଥିଲେ। ରାୟ ପ୍ରକାଶ ପରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ ପୀଡିତ ହିମାଂଶୁଙ୍କ ବ୍ୟାଙ୍କ ଆକାଉଣ୍ଟକୁ କ୍ଷତିପୂରଣ ରାଶି ପଠାଇଦେଇଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ ମୃତ ଶିଶୁଙ୍କ ପରିବାରକୁ ଭେଟିଲେ ବିଧାୟକ

**ମହାକାଳପଡା, ୧୨ା୩ (ଡି.ଏନ୍.ଏ.)**

ଜମ୍ବୁ-ମାର୍ଶାଘାଇ ମୁଖ୍ୟ ରାସ୍ତାର ବାଲଣାଗଡାଠାରେ ଏକ ସଡ଼କ ଦୁର୍ଘଟଣାରେ ଗତ ଶୁକ୍ରବାର ମହାକାଳପଡା ବ୍ଲକ ମଙ୍ଗଳପୁର ଗ୍ରାମର ସାଇ ମହାପାତ୍ର(୪)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ତାଙ୍କ ବାପା ତଥା ଅଟୋ ଚାଳକ ଦୀପକ ଗୁରୁତର ହୋଇଥିଲେ। କ୍ଷତିପୂରଣ ଦାବି କରି ଗ୍ରାମବାସୀ ମଙ୍ଗଳପୁର ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏଥିରେ ହସ୍ତକ୍ଷେପ କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିଧାୟକ ନାୟକ ସୋମବାର ପୂର୍ବାହ୍ନରେ ତାଙ୍କ ପରିବାରକୁ ଭେଟିଥିଲେ। ଦୀପକଙ୍କ ଚିକିତ୍ସା ନିମନ୍ତେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୨ା୩ (ସ୍ୱ.ପ୍ର)**



ଉତ୍ସବରେ ବନ୍ୟାଞ୍ଚଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟମାନେ।

ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟାଞ୍ଚଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ୩ୟ ବାର୍ଷିକ ଉତ୍ସବ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଅଲେଖ ଚନ୍ଦ୍ର ପଢିଆରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସେବା ଦିଗରେ ସରକାର ପଦକ୍ଷେପ ନେଲେ ସମସ୍ୟା ଦୁର ହୋଇପାରିବ ବୋଲି ମୁଖ୍ୟଅତିଥି ପଢିଆରୀ କହିଥିଲେ। କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ କୁମାର ସାମଲ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଯୁଗ୍ମ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଶର୍ମା, ପୂର୍ବତନ ପ୍ରଫେସର ଡା. ବ୍ରହ୍ମାନନ୍ଦ ଦାସ, ରେଭେନ୍‌ସା କଲେଜର ପ୍ରାକ୍ତନ ଅଧକ୍ଷ ଡା. ଦାମୋଦର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୟସ୍କ ବ୍ୟକ୍ତିମାନେ ସମାଜ ସଂସ୍କାର ଦିଗରେ ଧ୍ୟାନ ଦେବାକୁ ନିବେଦନ କରିଥିଲେ। ବରିଷ୍ଠ ସଦସ୍ୟ ଜଗନ୍ନାଥ ପାଢୀ ବେଦପାଠ କରିଥିଲେ। ଦିବଂଗତ ସଦସ୍ୟମାନଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଅତିଥି ପରିଚୟ ଓ ସଂଘ ସମ୍ପାଦକ ରାଜକିଶୋର ବିଶ୍ୱାଳ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ କୁଞ୍ଜବିହାରୀ ପାତ୍ର, ଶିଳ୍ପଦ୍ୟୋଗୀ ଶରତ ଚନ୍ଦ୍ର ନାୟକ, ଖଗେଶ୍ୱର ନାୟକ, ଦାମୋଦର ବିଶ୍ୱାଳ, ଗୁରୁଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଦାଶରଥୀ ପ୍ରଧାନଙ୍କୁ ମରଣୋତ୍ତର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବନ୍ୟାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାଧ୍ୟାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭଗବାନ ରାଉତ, ରଞ୍ଜିତ ରାଉତ, ଧନେଶ୍ୱର ପ୍ରଧାନ, ନାରାୟଣ ବିଶ୍ୱାଳ, ରବୀନ୍ଦ୍ର ରାଉତ, ବସନ୍ତ ବିଶ୍ୱାଳଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଉପସଭାପତି ଉଲ୍ଲାସ ଚନ୍ଦ୍ର ମଲିକ ଧନ୍ୟବାଦ ଦେଇଥିଲେ।

## ୨୦ରୁ ଓଲକଣା ମେଳଣ

### ମେଳଣ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ

**ଡେରାବିଶ, ୧୨ା୩ (ସ୍ୱ.ପ୍ର.)**

ପ୍ରସିଦ୍ଧ ଓଲକଣା ମେଳଣ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ରାଜ୍ୟର ଅନନ୍ୟ ମେଳଣ ଭାବେ ପରିଚିତ ଏହି ମେଳଣକୁ ଶତାଧିକ ବିମାନ ପାରମ୍ପରିକ ବିଧିବ୍ୟବସ୍ଥା ମଧ୍ୟରେ ଆସିଥାନ୍ତି। କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳିରେ ଅନୁଷ୍ଠିତ ଏହି ମେଳଣ ପାଇଁ ଓଲକଣା ମେଳଣ ସମନ୍ୱୟ କମିଟି ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକସ୍ଥିତ ପଞ୍ଚୁପାଣ୍ଡବ ମନ୍ଦିର ବେଢ଼ାରେ ଅନୁଷ୍ଠିତ ଏହି ବୈଠକରେ କମିଟି ସଭାପତି ମହନ୍ତ ରାମାନନ୍ଦ ଦାସ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ମେଳଣକୁ କିଭଳି ଅଧିକ ଶୃଙ୍ଖଳିତ କରାଯିବ ସେ ନେଇ କମିଟିର ସମ୍ପାଦକ ସାରଦା ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ମେଳଣରେ ପ୍ରଥମେ ଆଳି ରାଜାଙ୍କ ବିମାନ ପ୍ରବେଶ କରିବା ପରେ କ୍ରମାନ୍ୱୟରେ ମେଳଣ ପଡ଼ିଆକୁ ଚାରି ଦ୍ୱାର ଦେଇ ବିମାନଗୁଡ଼ିକ ପଡ଼ିଆକୁ ପ୍ରବେଶ କରିବେ। ସେହିପରି କୌଣସି ବିମାନ ସମ୍ମୁଖରେ ଉଚ୍ଚ ଶକ୍ତି ସମ୍ପନ୍ନ ଡିଜେ ପଡ଼ିଆ ମଧ୍ୟକୁ ପ୍ରବେଶ ନ କରିବା, ପଡ଼ିଆ ମଧ୍ୟରେ ବାଣ ନ ଫୁଟାଇବାକୁ ସମ୍ପାଦକଙ୍କ ପ୍ରସ୍ତାବ କ୍ରମେ ସର୍ବସମ୍ମତ ନିଷ୍ପତି ନିଆଯାଇଥିଲା। ସେହିପରି ପଡ଼ିଆ ମଧ୍ୟରେ ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର ପାଇଁ କମିଟି ପକ୍ଷରୁ ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲା ପ୍ରଶାସନକୁ ନିବେଦନ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ତେବେ ପ୍ରତ୍ୟେକ ଦ୍ୱାର ଦେଇ ଆସୁଥିବା ବିମାନ ପ୍ରତିନିଧିମାନଙ୍କୁ ପାଞ୍ଚୋଟି ଲେଖାଏଁ ବ୍ୟାଚ୍ ପ୍ରଦାନ କରାଯିବା ପାଇଁ ସମ୍ପାଦକ ପ୍ରଧାନ ସୂଚନା ଦେଇଥିଲେ। ବିଶେଷ କରି ଭଦ୍ରେଶ୍ୱରଙ୍କ ବିମାନ ନିର୍ଦ୍ଦିଷ୍ଟ ସମୟରେ ପଡ଼ିଆ ମଧ୍ୟରେ ପହଞ୍ଚିବା ସହ କେତେକ ବିମାନ ପଟୁଆରରେ ଆସୁଥିବା ଠେଙ୍ଗାକୁ ନଆଣିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ବୈଠକରେ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ ମେଳଣକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମକର ଚନ୍ଦ୍ର ପ୍ରଧାନ, କରୁଣାକର କର, ରାଜକିଶୋର ମଲ୍ଲ, ରତିକାନ୍ତ ସାମଲ, ପ୍ରଦ୍ୟୁମ୍ନ ପଣ୍ଡା, ବିଜୟ କୁମାର ମଲ୍ଲିକ, ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, କ୍ଷୀରୋଦ ମହାରଣା ବୈଠକରେ ଯୋଗଦେଇଥିଲେ।

### ■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନ ଦିଗହରା

## ଓମ୍ବୁଡ୍‌ସମ୍ୟାନ ନ ଥିବାରୁ ଶୁଣାଣି ହେଉନି

**କେନ୍ଦ୍ରାପଡା ଅଫିସ, ୧୨ା୩**

- ୨୦୦୫ରେ ଆଇନ୍‌ରେ ପରିଣତ ହୋଇଥିଲା ଯୋଜନା
- ୧୯ଟି ଜିଲାରେ ଖାଲି ପଡିଛି ପଦବୀ

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ବାରମ୍ବାର ଅନିୟମିତତା ହେଉଛି। ମାତ୍ର ଏହାର ତଦାରଖ ଦାୟିତ୍ୱରେ ଅଦ୍ୟାବଧି ଓମ୍ବୁଡ୍‌ସମ୍ୟାନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଏହି ଯୋଜନାରେ ଅନିୟମିତତା ଘଟଣା ଦିନକୁ ଦିନ ବଢ଼ି ଚାଲିଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅନ୍ତର୍ଗତ ପେଟପଡା ପଞ୍ଚାୟତରେ ଏହି ଯୋଜନା ଅଧୀନରେ ଥିବା ୫ଟି ପ୍ରକଳ୍ପରେ ଅନିୟମିତତା ହୋଇଥିବା ନେଇ ନିକଟରେ ଜିଲା ପ୍ରଶାସନକୁ ଅଭିଯୋଗ ହୋଇଛି।

ଅନିୟମିତତା ସମ୍ପର୍କରେ ପ୍ରାୟ ବର୍ଷେ ପୂର୍ବେ ଗ୍ରାମବାସୀ ଅଭିଯୋଗ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏବେ ଏନେଇ ଜିଲା ପ୍ରଶାସନ ନିକଟରେ ପୁନର୍ବାର ଅଭିଯୋଗ ହୋଇଛି। ଏହି ୫ ପ୍ରକଳ୍ପ ସମେତ ଜିଲାର ବିଭିନ୍ନ ବ୍ଲକର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଥିବା ପ୍ରକଳ୍ପରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ବାରମ୍ବାର ପ୍ରଶାସନ ନିକଟକୁ ଆସୁଛି। ମାତ୍ର କୌଣସି ସୁଫଳ ମିଳୁନାହିଁ। ଏହି ଯୋଜନା ଆଇନ୍‌ରେ ପରିଣତ ହୋଇଥିଲେ ମଧ୍ୟ ଅଭିଯୋଗ ଶୁଣାଣି ପାଇଁ ଜିଲାରେ ଓମ୍ବୁଡସ୍‌ମ୍ୟାନ ନିଯୁକ୍ତି ହୋଇ ନ ଥିବାରୁ, ଏଭଳି ସମସ୍ୟା ଉପୁଜିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅପରପକ୍ଷେ ଉଚ୍ଚ ନ୍ୟାୟାଳୟରେ ମାମଲା ଥିବା ଦର୍ଶାଇ ପ୍ରଶାସନିକ ଅଧିକାରୀମାନେ ଏହାକୁ ଏଡାଇ ଯାଉଛନ୍ତି। ସୂଚନାଯୋଗ୍ୟ,୨୦୦୫ରେ ଏହି ଯୋଜନାକୁ ଆଇନ୍‌ରେ ପରିଣତ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତି ଜିଲାରେ ୨ ଜଣ ଓମ୍ବୁଡସମ୍ୟାନ ନିଯୁକ୍ତ ଦେବାକୁ ଏଥିରେ ଉଲ୍ଲେଖ ରହିଛି। ଏହି ଯୋଜନାର ୨୩ ପ୍ରକାର କାର୍ଯ୍ୟକୁ ଅମ୍ବୁଡସ୍‌ମ୍ୟାନ ତଦାରଖ କରିଥାନ୍ତି। ଏଥିସହ ଆବଶ୍ୟକତା ଅନୁଯାୟୀ, ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିବାର କ୍ଷମତା ସେମାନଙ୍କର ରହିଛି। ଏହାଦ୍ୱାରା ଅନିୟମିତତା କମିବା ସହ, ଯୋଜନାର ଅଗ୍ରଗତି, ଶ୍ରମିକ ସମସ୍ୟା, ମିଛ ମଷ୍ଟର ରୋଲ ପ୍ରସ୍ତୁତି ଓ ନଥିବା ପ୍ରକଳ୍ପ ଦେଖାଇବାରେ ବାଧା ସୃଷ୍ଟି ହେଇଥାଏ। ମାତ୍ର ଜିଲାରେ ଦୀର୍ଘଦିନ ହେବ ଓମ୍ବୁଡସମ୍ୟାନ ପଦବୀ ଖାଲି ରହିଛି। ଏନେଇ ଗତ ୨୭ରେ ଓସା(ଓଡିଶା ସୂଚନା ଅଧିକାର ଅଭିଯାନ)ପକ୍ଷରୁ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଥିଲେ ଯେ, ପ୍ରତି ଜବ୍ କାର୍ଡ ହୋଲଡରଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ବ୍ୟବସ୍ଥା କରିଛନ୍ତି। ମାତ୍ର ଜବ୍‌କାର୍ଡ ହୋଲଡରମାନେ କର୍ମନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନେ ବାଧ ହୋଇ ଜିଲା ବାହାରକୁ କାମ କରିବାକୁ ଯାଉଛନ୍ତି। ଏସମ୍ପର୍କରେ ସୂଚନା ଅଧିକାର ଅଭିଯାନ କର୍ମୀ ବାନାମ୍ବର ସାହୁ କୁହନ୍ତି, କେନ୍ଦ୍ରାପଡାରେ ଏବେ ଅନ୍ୟୁନ ଜଣେ ଓମ୍ବୁଡସମ୍ୟାନଙ୍କ ଆବଶ୍ୟକତା ଥିବାବେଳେ ପଦବୀ ଖାଲି ଥିବାରୁ ଉକ୍ତ ଯୋଜନାର ଅଗ୍ରଗତି ହୋଇ ପାରୁନାହିଁ। ଏପରିକି ପ୍ରକଳ୍ପରେ ଶ୍ରମିକ ବଦଳରେ ମେଶିନ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣାଣି ନ କରି ପ୍ରକଳ୍ପ ହିତାଧିକାରୀଙ୍କୁ ଅନୁଦାନ ରାଶି ପ୍ରଦାନ କରୁଛନ୍ତି। ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଜିଲାର କର୍ମନିଯୁକ୍ତି ସମସ୍ୟା ଜାରି ରହିବ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ସୂଚନା ଅଧିକାର ଅଭିଯାନ କର୍ମୀ ରଞ୍ଜନ କୁମାର ଦାସଙ୍କ କହିବାନୁଯାୟୀ, ୨୦୧୦ରେ ଆଇନ୍‌ରେ ସଂଶୋଧନ କରାଯାଇ,ଧାରା ୨୭ରେ ଓମ୍ବୁଡସମ୍ୟାନ ନିଯୁକ୍ତ ପାଇଁ ଉଲ୍ଲେଖ କରାଯାଇଛି। ଏନେଇ ରାଜ୍ୟ ସରକାର ୨୦୧୧ ଓ ୧୨ ରେ ପ୍ରତ୍ୟେକ ଜିଲାରେ ଦୁଇବର୍ଷ ପାଇଁ ଓମ୍ବୁଡସମ୍ୟାନ ନିଯୁକ୍ତ କରିଥିଲେ। ଏହାର ଅବଧି ଶେଷ ହୋଇଯାଇଥିବା ବେଳେ ନୂତନ ଅମ୍ବୁଡସମ୍ୟାନ ନିଯୁକ୍ତି ଦେବା ଲାଗି ପଦକ୍ଷେପ ନିଆଯାଉ ନାହିଁ। କେନ୍ଦ୍ରାପଡା ଜିଲା ସମେତ ରାଜ୍ୟର ୧୯ଟି ଜିଲାରେ ଅଦ୍ୟାବଧି ଓମ୍ବୁଡସମ୍ୟାନ ନିଯୁକ୍ତ ହୋଇପାରି ନାହାନ୍ତି। ଏହି ପଦବୀ ଖାଲି ପଡିଥିବାରୁ ଗ୍ରାମୀଣ ଅଞ୍ଚଳରେ ଥିବା ଶ୍ରମ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଏଥିସହ ବହୁ ପ୍ରକଳ୍ପରେ ମିଛରେ ଶ୍ରମିକଙ୍କ ନାମ ମାଷ୍ଟରରୋଲରେ ଦେଖାଇ ମେଶିନରେ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଏପରିକି କେତେକ ସ୍ଥାନରେ ହିତାଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ସଲାସୁତରାରେ ପ୍ରକଳ୍ପ ଅର୍ଥ ହେରଫେର ହେଉଛି ବୋଲି ସେ କ୍ଷୋଭର ସହ କହିଛନ୍ତି। ଓମ୍ବୁଡସମ୍ୟାନ ନିଯୁକ୍ତି ସମ୍ପର୍କରେ ପିଡି ଦିଲୀପ କୁମାର ପରିଡା କୁହନ୍ତି, ଏନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଚାଲିଥିବାରୁ ଜିଲାରେ ଅଦ୍ୟାବଧି କୌଣସି ଓମ୍ବୁଡସ୍‌ମ୍ୟାନ ନିଯୁକ୍ତି ହୋଇପାରି ନାହାନ୍ତି।



ନୀତି ହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ, କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ, ୮ କୋର୍ଟଚାଲାଣ

**ରସୁଲପୁର,୧୨।୩(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମରେ ସୋମବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବଳରାମ ଦାସ ଓ କୃଷ୍ଣ ଦାସଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ କୁଆଖିଆ ପୋଲିସ ମଙ୍ଗଳବାର ଉଭୟ ପକ୍ଷରୁ ୮ ଜଣଙ୍କୁ କୋର୍ଟଚାଲାଣ କରିଛି। ବଳରାମଙ୍କ ଅଭିଯୋଗକୁ ଆଧାର କରି ଏକ ମାମଲା (ନଂ.୫୮/୧୯) ରୁଜୁ କରିବା ସହ ପ୍ରତିପକ୍ଷରୁ କାହ୍ନୁ ଦାସ, ନିରଞ୍ଜନ ବେହେରା, ଭରତ ଦାସ ଓ ଆରତ ଦାସଙ୍କୁ ଗିରଫ କରିଛି। ସେହିପରି କୃଷ୍ଣଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୫୯/୧୯) ରୁଜୁ କରି ଅପର ପକ୍ଷରୁ ବଳରାମ ଦାସ, ଶ୍ରୀଧର ଦାସ, ଜିତେନ୍ଦ୍ର ଦାସ, ମହେଶ୍ୱର ଦାସଙ୍କୁ ଗିରଫ କରିଛି। ଏସଆଇ ଦିଲୀପ କୁମାର କାଣ୍ଡି, ଏଏସଆଇ ଅମୂଲ୍ୟ ମିଶ୍ର ମାମଲାର ତଦନ୍ତ କରୁଛନ୍ତି। ପ୍ରକାଶ ଯେ, ସୋମବାର ଉଭୟ ପରିବାର ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

### ନିର୍ବାଚନରେ ପଲିଥିନର ବ୍ୟବହାର ହ୍ରାସ ଅନୁରୋଧ

**ଯାଜପୁର ଅଫିସ,୧୨।୩:** ପଲିଥିନ ମୁକ୍ତ ନିର୍ବାଚନ କରିବାକୁ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ଆହ୍ୱାନ ଦେଇଛନ୍ତି। ପଲିଥିନ ସମାଜ ଓ ମାନବ ସମ୍ବଳ ପାଇଁ ବିପଦ ସୃଷ୍ଟି କରୁଛି। ଏହା ଜୀବଜନ୍ତୁଙ୍କ ପାଇଁ ଯେତିକି ସମସ୍ୟା ସୃଷ୍ଟି କରୁଛି ପରିବେଶକୁ ମଧ୍ୟ ତତୋଧିକ ନଷ୍ଟ କରୁଛି। ତେଣୁ ଏହାର ବ୍ୟବହାରକୁ ହ୍ରାସ କରିବାକୁ କମିଶନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହିକ୍ରମରେ ସୋମବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଯେତେ ସମ୍ଭବ କମ୍ ବା ଆଦୌ ପଲିଥିନ ବ୍ୟବହାର ନ କରିବାକୁ ଅନୁରୋଧ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଆଦର୍ଶ ଆଚରଣ ବିଧି ସମ୍ପର୍କରେ ଅନୁଷ୍ଠିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବୈଠକରେ ସୂଚନା ଦେଇ ଜିଲାପାଳ ଦାସ ସମ୍ପ୍ରତି ପଲିଥିନ ଏକ ବିରାଟ ସମସ୍ୟା ହୋଇ ସମାଜରେ ଦେଖା ଦେଇଥିବାରୁ ଏହାର ବ୍ୟବହାରକୁ କମାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଆଚରଣ ବିଧିକୁ କଡ଼ାକଡ଼ି ଭାବେ ପାଳନ ପାଇଁ ପ୍ରତ୍ୟେକ ଯତ୍ନବାନ ହେବାକୁ ସେ ଅନୁରୋଧ କରିଛନ୍ତି।

### ମହୁଲି ମଦ ଜବତ, ବ୍ୟବସାୟୀ କୋର୍ଟଚାଲାଣ

**ରସୁଲପୁର,୧୨।୩(ଡି.ଏନ.ଏ.):** ଚୋରାମଦ ବ୍ୟବସାୟ ଅଭିଯୋଗରେ କୁଆଖିଆ ପୋଲିସ ସୋମବାର ବିଳମ୍ବିତ ରାତିରେ ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ସାରଙ୍ଗପୁର ଛକ ନିକଟରୁ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କଲଣ ପଞ୍ଚାୟତ ନୂଆହାଟ ଗ୍ରାମର ଅମୂଲ୍ୟ ଜେନା। ଏଥିସହ ଅମୂଲ୍ୟଙ୍କ ନିକଟରୁ ୬୦ ଲିଟର ମହୁଲି ମଦ ଓ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୧/୧୯) ରୁଜୁ କରିଛି। ପ୍ରକାଶ ଯେ, ଯାଜପୁର ଜିଲାରୁ ଭାୟା ସୁକିନ୍ଦା ନିର୍ବାଚନମଣ୍ଡଳୀ ଦେଇ ଢେଙ୍କାନାଳ ଜିଲାକୁ ବ୍ୟାପକ ଚୋରା ଦେଶୀ ମଦ କାରବାର ହେଉଛି ବୋଲି ପୋଲିସ ଜାଣିବାକୁ ପାଇଥିଲା। ନିର୍ବାଚନ ସମୟରେ ଗାଁ ଗଣ୍ଡାରେ ଚାଲିଥିବା ବେଆଇନ ମଦ କାରବାର ବନ୍ଦ କରିବାକୁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ବାହାର ଜିଲାରୁ ଏହି ଥାନା ଅଞ୍ଚଳକୁ ଆସୁଥିବା ବେଆଇନ ମଦ ସମ୍ପର୍କରେ ସୁରାକ ପାଇବା ପରେ ସ୍ୱତନ୍ତ୍ର ଭାବେ ଏକ ପୋଲିସ ଟିମ୍ ନିୟୋଜିତ କରାଯାଇଛି।

### ମୋଟ ୨୦ ହଜାର ୨୩୭ ଶିଶୁଙ୍କୁ ଟିକାକରଣ

**ଧର୍ମଶାଳା,୧୨।୩(ଡି.ଏନ.ଏ.):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆରମ୍ଭ ହୋଇଥିବା ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମରେ ମଙ୍ଗଳବାର ଶେଷ ଦିନ ସୁଦ୍ଧା ମୋଟ ୨୦ହଜାର ୨୩୭ ଶିଶୁଙ୍କୁ ଟିକାକରଣ କରାଯାଇଛି। ରବିବାର ପ୍ରଥମ ଦିନରେ ୧୭ ହଜାର ୩୩୭, ସୋମବାର ୧୩୯୨ ଓ ମଙ୍ଗଳବାର ୧୫୦୮ ଶିଶୁଙ୍କୁ ଟିକାକରଣ କରାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୋଟ ୨୦ ହଜାର ୨୧୨ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୭୮ ବୁଥ୍ ଓ ୩୦ ଉପ ବୁଥ ମାଧ୍ୟମରେ ଟିକାକରଣ କରାଯାଇଛି। ଏଥିପାଇଁ ୩୮୦ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ସ୍ଥାନୀୟ କ୍ରଶର ଅଞ୍ଚଳରେ କାମ କରୁଥିବା ଶିଶୁଙ୍କ ପାଇଁ ଓ ବିଭିନ୍ନ ସ୍ଥାନରେ ଥିବା ବସ ଷ୍ଟାଣ୍ଡଗୁଡିକ ଲାଗି ୨ ମୋବାଇଲ ଭ୍ୟାନ୍ ନିୟୋଜିତ ହୋଇଥିଲା।

## ଓଏପିଏଫ୍ ଯବାନଙ୍କୁ ଦୁର୍ବ୍ୟବହାର ମାମଲା

# ପୂର୍ବତନ ଆଇଆଇସିଙ୍କ ନାମରେ ମାମଲା ରୁଜୁ

**କୋରେଇ,୧୨।୩(ସ୍ୱ.ପ୍ର.)**

ଯାଜପୁର ଜିଲା ପାଣିକୋଇଲି ଟୋଲ୍‌ଗେଟ ନିକଟରେ କାର୍ଯ୍ୟରତ ଜଣେ ଓଏପିଏଫ-୯୪(ଓଡିଶା ଅକ୍ଜିଲାରୀ ପୋଲିସ ଫୋର୍ସ)ଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଜାତିଆଣ ଆପେକ୍ଷ କରିବା ଜଣେ ଥାନାଧିକାରୀଙ୍କୁ ମହଙ୍ଗା ପଡିଛି। ଅଭିଯୋଗକାରୀ ଓଏପିଏଫ ରବୀନ୍ଦ୍ର ପୂର୍ତ୍ତିଙ୍କ ପାଣିକୋଇଲି ଥାନାରେ ବାରମ୍ବାର ଅଭିଯୋଗ ଓ ଶେଷରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ପରେ ଯାଜପୁରରୋଡ ଥାନାର ପୂର୍ବତନ ଥାନାଧିକାରୀ ଅମିତାଭ ମହାପାତ୍ରଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ପାଣିକୋଇଲି ଥାନାରେ ଆଇପିସି ୨୯୪, ୩୫୩ ଏବଂ ଏସ୍‌ସିଏସ୍‌ଟି ଆକ୍ଟର ଧାରା ୩ରେ ଏକ ମାମଲା (ନଂ ୩୬/୨୦୧୯) ଗତ ୪ତାରିଖରେ ପଞ୍ଜିକୃତ ହେବାପରେ ତାହା ଯାଜପୁର ସ୍ୱତନ୍ତ୍ର କୋର୍ଟରେ ସ୍ପେଶିଆଲ ଜିଆର-୭/୨୦୧୯ରେ ପଞ୍ଜିକୃତ ହୋଇଥିବା ଜଣାପଡିଛି। ଏହି ଘଟଣାର ତଦନ୍ତ ଭାର ଏସ୍‌ଡିପିଓ କେଦାରନାଥ ସାହୁ ନେଇଛନ୍ତି। ତେବେ ପାଣିକୋଇଲି ଥାନା ପୋଲିସ ଏହି ଘଟଣାକୁ ଲୁଚାଇବାକୁ ଯାଇ ଏଯାଏ କୌଣସି ମାମଲା ରୁଜୁ ହୋଇ ନାହିଁ, କିନ୍ତୁ ମାମଲା ରୁଜୁ ହେବ ବୋଲି କହିଛି। ନିଜ ସହକର୍ମୀଙ୍କୁ ସୁରକ୍ଷା ଦେବାକୁ ଯାଇ ପୋଲିସ ଆଇନକୁ ଫାଙ୍କୁ ଥିବାର ଜ୍ୱଳନ୍ତ ଉଦାହରଣ ଏଠାରେ ଦେଖିବାକୁ ମିଳିଛି। ଯାହାକୁ ନେଇ ଯାଜପୁର ଜିଲାରେ ପୋଲିସ ବଦନାମ ହେବା ସହ ସରକାରଙ୍କ ପୋଲିସର କାର୍ଯ୍ୟଧାରାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ଆଣିବା ଲକ୍ଷ୍ୟ ପରାହତ ହେଉଛି।

ଗତ ୨୪।୧୦।୨୦୧୯ ତାରିଖରେ ପାଣିକୋଇଲି ଟୋଲ ଗେଟରେ କାର୍ଯ୍ୟରତ ଓଏପିଏଫ୍ ରବୀନ୍ଦ୍ରଙ୍କୁ ଆଦର୍ଶ ଥାନା ଯାଜପୁରରୋଡର ପୂର୍ବତନ ଥାନା ଅଧିକାରୀ ମହାପାତ୍ର ଜାତିଆଣ ଆକ୍ଷେପ ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏନେଇ ଘଟଣା ଦିନ ପାଣିକୋଇଲି ଥାନା ପୋଲିସରେ ପୂର୍ତ୍ତି ଲିଖିତ ଅଭିଯୋଗ କରିଥିଲେ। ଏହାସହ ଏସ୍‌ପିଙ୍କୁ ଭେଟି ନିଜର ଅଭିଯୋଗ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ପୁଣି ୩୧।୧୦।୨୦୧୮ ତାରିଖରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ପାଣିକୋଇଲି ଥାନାଧିକାରୀ ଗ୍ରହଣ କରି ନ ଥିଲେ। ଏହାପରେ ୨।୧୧।୨୦୧୮ରେ ଓଡିଶା ସରକାରଙ୍କ ଅନ୍‌ଲାଇନ ଅଭିଯୋଗ ନଂ. ୨୪୫୦୩୦୭୩୦୭୧୮୦୦୦୦୬ରେ ଏତଲା ପଞ୍ଜିକୃତ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ଏତଲା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାପରେ ପୂର୍ତ୍ତି ନ୍ୟାୟ ପାଇଁ ୨୮।୧୨।୨୦୧୮ ତାରିଖରେ ଏକ ରେଜିଷ୍ଟ୍ରି ଚିଠି ମାଧ୍ୟମରେ ଅଭିଯୋଗ କରିଥିଲେ। ଏହାକୁ ସଂପୃକ୍ତ ଥାନା ଅଧିକାରୀ ଗ୍ରହଣ ନ କରି ଫେରାଇ ଦେଇଥିଲେ। ଏହାପରେ ୧୩।୧।୨୦୧୯ ତାରିଖରେ ରବୀନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ହାଇକୋର୍ଟରେ ସିଆର୍‌ଏଲ୍‌ଏମ୍‌ପି ନମ୍ବର ୯୦/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ୧୯।୧।୨୦୧୯ ତାରିଖରେ ଯଦି ପାଣିକୋଇଲି ଥାନାରେ ମାମଲା ରୁଜୁ ହୋଇଛି ଓ ଅଭିଯୁକ୍ତ ଜାମିନରେ ଯାଇ ନାହାନ୍ତି ତେବେ ତାଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଯଦି ମାମଲା ରୁଜୁ ହୋଇନାହିଁ ତେବେ ନିର୍ଦ୍ଦେଶ ପାଇବାର ୧୫ଦିନ ମଧ୍ୟରେ ମାମଲା ରୁଜୁ କରି ବିହିତ ପଦକ୍ଷେପ ନେବାକୁ ହାଇକୋର୍ଟ କହିଥିଲେ। ଅଭିଯୋଗକାରୀ ରବୀନ୍ଦ୍ର ହାଇକୋର୍ଟ ନିର୍ଦ୍ଦେଶ ପତ୍ର ସହିତ ଏକ ଅଭିଯୋଗ ଲେଖି ଗତ ୨୬।୨।୨୦୧୯ ତାରିଖରେ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ପାଣିକୋଇଲି ଥାନା ପୋଲିସକୁ ପଠାଇଥିଲେ। ଏହାକୁ ୨୮।୨।୨୦୧୯ ତାରିଖରେ ଥାନା କର୍ତ୍ତୃପକ୍ଷ ଫେରାଇ ଦେଇଥିଲେ ବୋଲି ପୂର୍ତ୍ତି ଜଣାଇଥିଲେ। ସେ ଆହୁରି ଦର୍ଶାଇଛନ୍ତି ଯେ, ୯।୩।୨୦୧୯ ତାରିଖରେ ପୂର୍ତ୍ତିଙ୍କୁ ତଦନ୍ତ ପାଇଁ ଡକାଇ ପାଣିକୋଇଲି ଥାନାରେ ପୂର୍ବାହ୍ନ ୧୦ଟାରୁ ୬ଟା ପର୍ଯ୍ୟନ୍ତ ବସାଇ ଦିଆଯାଇଥିଲା। ଜଣେ ଅଧିକାରୀ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ତାଙ୍କ କଥା ଯଦି ନ ମାନିବ ତେବେ ତୁମ ନାମରେ ଏକ କେଶ କରି ଜେଲ ହାଜତକୁ ପଠାଇ ଦିଆଯିବା ସହ ଚାକିରି ପଳାଇବ ବୋଲି ଧମକ ଦେଇଥିଲେ। ଏପରିକି ଏକ ସାଧା କାଗଜରେ ଦସ୍ତଖତ କରିବାକୁ ବାଧ୍ୟ କରିଥିଲେ। ଗତ ୧୦ତାରିଖରେ ମଧ୍ୟ ପୁଣିଥରେ ଥାନାକୁ ଡକାଇ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ ବସାଇଥିଲେ। ଯେଉଁଥିପାଇଁ ସେ ମାନସିକ ଭାବେ ଯନ୍ତ୍ରଣା ପାଇଥିବା ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପାଣିକୋଇଲି ଥାନାଧିକାରୀ ଅଜୟ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଏଯାଏ କୌଣସି ମାମଲା ରୁଜୁ ହୋଇ ନାହିଁ। ଏନେଇ ତଦନ୍ତ ଚାଲିଛି, ପରେ ମାମଲା ରୁଜୁ ହୋଇପାରେ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଯେଉଁଠି ମାମଲା ରୁଜୁ ହୋଇ କୋର୍ଟକୁ ପଠା ସରିଲାଣି ସେଠାରେ ଥାନା ଅଧିକାରୀଙ୍କ ଏଭଳି ମତ କେତେଦୂର ଯୁକ୍ତିଯୁକ୍ତ। କେବଳ ଜଣେ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଥାନା ଅଧିକାରୀ ଜେନା ଏଭଳି ମତ ଦେଉଛନ୍ତି ବୋଲି ଜଣାପଡ଼ିଛି। ଏନେଇ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରି ନାହିଁ।

**ସହଯୋଗୀଙ୍କୁ ସୁରକ୍ଷା ଦେବାକୁ ଯାଇ କଥା ଲୁଚାଉଛନ୍ତି ଥାନାଧିକାରୀ**


FIRST INFORMATION REPORT
(Under Section 154 Cr.P.C.)
1. District: JAJPUR P.S.: PANIKOILI Year: 2019
THE SC AND THE ST (PREVENTION OF ATROCITIES) ACT, 1989
(b) Address: NEAR TOLL GATE, PANIKOILI
(a) Name: RABINDRA KUMAR PURTY
AMITABH MOHAPATRA
1. INSPECTOR IN CHARGE, JAJPUR ROAD PS, JAJPUR ROAD, JAJPUR, ODISHA, INDIA

ପୂର୍ବତନ ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କ ବିରୋଧରେ ହୋଇଥିବା ମାମଲାର ଏତଲା ରିପୋର୍ଟ।

## ରେଙ୍ଗାଲି ବାମପାର୍ଶ୍ୱ କେନାଲରୁ ମୋରମ ଚୋରାଚାଲାଣ

# ଗ୍ରାମବାସୀ ଧରିଲେ, ତହସିଲଦାର ଛାଡ଼ିଲେ


ବେଆଇନ୍ ମୋରମ ଚାଲାଣ କରୁଥିବା ହାଇୱା।

**ଯାଜପୁର ଅଫିସ,୧୨।୩**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ବନ୍ଧଗାଁ ଓ ବୋଉଳମାଳ ପାର୍ଶ୍ୱ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ହୁଡାର ପ୍ରତ୍ୟହ ରାତି ୧୦ଟା ପରେ ବେଆଇନ ମୋରମ ଚୋରାଚାଲାଣ ଅଣାୟତ୍ତ ହୋଇଛି। ଏହିକ୍ରମରେ ସୋମବାର ମଧ୍ୟ ରାତିରେ ବନ୍ଧଗାଁ ଓ ବୋଉଳମାଳ ଗ୍ରାମବାସୀ ମୋରମ ଉଠାଉଥିବା ମେଶିନ ସହ ହାଇୱା ଗାଡିକୁ ଜବତ କରି ରାଜସ୍ୱ ବିଭାଗକୁ ସୂଚନା ଦେଇଥିଲେ। ହେଲେ ମଙ୍ଗଳବାର ଅପରାହ୍ନରେ ସୁକିନ୍ଦା ତହସିଲଦାର ବିଶ୍ୱଜିତ ଦାସ ଓ ସୁକିନ୍ଦା ଆଇଆଇସି ବିଚିତ୍ରାନନ୍ଦ ସେଠୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ମୋରମ ବୋଝେଇ ଗାଡିଗୁଡିକଠାରୁ ଜୋରିମାନା ଆଦାୟ ନ କରି ଛାଡି ଦେଇଥିବା ଜଣାପଡିଛି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ହୁଡାରୁ ପ୍ରାୟଦିନ ୧୦୦ରୁ ଊର୍ଦ୍ଧ୍ୱ ଗାଡିରେ ବେଆଇନ ଭାବେ ମୋରମ ଚୋରାଚାଲାଣ ହେଉଛି। ଏହା ବୋଉଳମାଳ ମଠଛକ ଦେଇ ଢେଙ୍କାନାଳ ଜିଲା ଭୁବନ ବାଟରେ ଚାଲାଣ କରାଯାଉଛି। ଏପରିକି ସୁକିନ୍ଦା-ଡୁବୁରୀ ଦେଇ ପାରାଦୀପକୁ ମୋରମ ଚାଲାଣ କରାଯାଉଥିବା ସୂଚନା ମିଳିଛି। ସ୍ଥାନୀୟ ତହସିଲଦାର ଏସଂକ୍ରାନ୍ତରେ ଜାଣି ସୁଦ୍ଧା ନୀରବ ରହିଛନ୍ତି। ତେବେ ଗ୍ରାମବାସୀ ମୋରମ ବୋଝେଇ ଗାଡିଗୁଡିକୁ ଜବତ କରିଥିବା ସତ୍ତ୍ୱେ ମୋଟା ଅଙ୍କର କାରବାର କରି ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି।

### ଟ୍ରାକ୍ଟର ଚାଳକଙ୍କୁ ମାଡ଼, ଅଭିଯୁକ୍ତ ଗିରଫ

**ରସୁଲପୁର,୧୨।୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ ବାଲିଘାଟକୁ ନେଇ ବିବାଦ ଲାଗିରହିଛି। ନିଲାମଧାରୀ ଘାଟରୁ ବାଲି ଉଠାଇବାକୁ ସରପଞ୍ଚଙ୍କ ସମର୍ଥକମାନେ ବିରୋଧ କରିବା ସହ ବାଲି ବ୍ୟବସାୟୀଙ୍କ ଦ୍ୱାରା ବେଆଇନ ବାଲି ଘାଟରୁ ବାଲି ଉଠାଇବା ପାଇଁ ଟ୍ରାକ୍ଟର ଚାଳକଙ୍କୁ ବାଧ୍ୟ କରାଯାଉଛି। ଏହାକୁ ନେଇ ସରପଞ୍ଚଙ୍କ ଜଣେ ସମର୍ଥକ ପାଣିକୋଇଲି ଥାନା ଅନ୍ତର୍ଗତ ନରପଦା ଗ୍ରାମର ଟ୍ରାକ୍ଟର ଚାଳକ ଦୁର୍ଯ୍ୟୋଧନ ସାହୁଙ୍କୁ ମାଡ଼ ମାରିବା ଘଟଣାରେ ମଙ୍ଗଳବାର କୁଆଖିଆ ପୋଲିସ ତାଙ୍କୁ ଗିରଫ କରିଛି। ଏ ନେଇ ଦୁର୍ଯ୍ୟୋଧନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୭/୧୯) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଜେନ୍ଦ୍ରପୁର ପଞ୍ଚାୟତର ମୀନା ସିଂ। ପ୍ରକାଶ ଯେ, ବେଆଇନ ବାଲିଘାଟ ସମ୍ପର୍କରେ କୁଆଖିଆ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। ଉକ୍ତ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ବୁଥ୍ ତଦାରଖ କଲେ ଜିଲାପାଳ, ଏସ୍‌ପି

**ଯାଜପୁର ଅଫିସ,୧୨।୩**


ଜିଲାପାଳଙ୍କ ଉପସ୍ଥିତିରେ ହୋର୍ଡିଂ ହଟାଯାଉଛି।

ନିର୍ବାଚନ ଆଚରଣ ବିଧିର ତଦାରଖ ପାଇଁ ମଙ୍ଗଳବାର ଜିଲାପାଳ ରଞ୍ଜନ କୁମାର ଦାସ ଓ ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମିନା ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଆଗାମୀ ନିର୍ବାଚନରେ ହେବାକୁ ଥିବା ବୁଥ ଗୁଡିକର ଅନୁଧ୍ୟାନ କରି ସେଠାରେ ର୍ୟାମ୍ପ, ପିଇବା ପାଣି, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ ଇତ୍ୟାଦି ଉପରେ ଅନୁଧ୍ୟାନ କରିଥିଲେ। ବିଭୁତିପୁର ପ୍ରାଥମିକ ବିଦ୍ୟାଳୟ, ଗୋପାଳପୁର, କରିଅଙ୍ଗାର ଦେଉଳି ପ୍ରାଥମିକ ବିଦ୍ୟାଳୟ, ଚଷାଖଣ୍ଡ ପ୍ରାଥମିକ ବିଦ୍ୟାଳୟ, କଂସାଳଡିହ ଉ.ପ୍ରା. ବିଦ୍ୟାଳୟ, ଛତ୍ରପଡା ନିମ୍ନ ମୌଳିକ ପ୍ରାଥମିକ ବିଦ୍ୟାଳୟ, ବିରିପଟା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚାରବାଟିଆ ପ୍ରାଥମିକ ବିଦ୍ୟାଳୟ, ଶାସ୍ତ୍ରିଜୀ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ ଥାଲକୁଡି ପ୍ରାଥମିକ ବିଦ୍ୟାଳୟରେ ହେବାକୁ ଥିବା ମତଦାନ କେନ୍ଦ୍ର ଗୁଡିକୁ ବୁଲି ଦେଖିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଲାଗିଥିବା ହୋର୍ଡିଂ, ବ୍ୟାନର, ପୋଷ୍ଟରକୁ ମଧ୍ୟ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ଅପସାରଣ କରାଯାଇଥିଲା। ସରକାରୀ ସ୍ଥାନରେ, ରାସ୍ତା ଉପରେ ଲାଗିଥିବା ହୋର୍ଡିଂ, ବ୍ୟାନର, ପୋଷ୍ଟର ଇତ୍ୟାଦିକୁ ହଟାଇବା ପାଇଁ ଜିଲାପାଳ ଉପସ୍ଥିତ ତହସିଲଦାର, ବିଡିଓ ଓ ଥାନା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ସମସ୍ତ ଅଧିକାରୀ, କର୍ମଚାରୀ ନିରପେକ୍ଷ ଭାବେ ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତରେ ଦଶରଥପୁର ବିଡିଓ ଦେବେନ୍ଦ୍ର ସେଠୀ, ତହସିଲଦାର ଜ୍ୟୋତି ପ୍ରକାଶ ମହାନ୍ତି, ଥାନା ଅଧିକାରୀ ଅସିତ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁଚରଣ ସୁତାର ପ୍ରମୁଖ ଯୋଗ ଦେଇଥିଲେ।

### ଏପ୍ରିଲ ୬ରେ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ଯାଜପୁର ଅଫିସ,୧୨।୩**

ଏପ୍ରିଲ ୬ତାରିଖ ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ନବୋଦୟ ବିଦ୍ୟାଳୟ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ପରୀକ୍ଷାର୍ଥୀମାନେ ଏହାର ୧ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହେବେ ବୋଲି ପାଣିକୋଇଲିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ୨୦୧୯ର ଏହି ପ୍ରବେଶିକା ପରୀକ୍ଷା ପାଇଁ ଆଡମିଟ କାର୍ଡ www.navodaya.gov.in ସାଇଟ୍‌ରୁ ପରୀକ୍ଷାର୍ଥୀ ବା ତାଙ୍କ ଅଭିଭାବକ ଡାଉନଲୋଡ କରିପାରିବେ। ପ୍ରବେଶ ପତ୍ର ଡାଉନ୍‌ଲୋଡ ପାଇଁ ପରୀକ୍ଷାର୍ଥୀଙ୍କ ରେଜିଷ୍ଟ୍ରେଶନ ନମ୍ବର log in id ହେବ ଓ ଜନ୍ମ ତାରିଖ ପାସ୍ ୱାର୍ଡ ଭାବେ ବ୍ୟବହୃତ ହେବ। ଜିଲାର ୧୯ ଗୋଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ତ୍ରିପାଠୀ ସୂଚନା ଦେଇଛନ୍ତି।

### ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳିତ

**ଯାଜପୁର ଅଫିସ,୧୨।୩**

ରାଜ୍ୟ ସରକାରଙ୍କ କାରଖାନା ଓ ବାଷ୍ପୀତ୍ର ବିଭାଗ ପକ୍ଷରୁ ୪୮ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ତଥା ସପ୍ତାହ ପାଳିତ ହୋଇଯାଇଛି। ଯାଜପୁରରୋଡ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଅବସରରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ଭିସା ଷ୍ଟିଲ, ଜିନ୍ଦଲ ଷ୍ଟିଲ, ଟାଟା ଷ୍ଟିଲ ପ୍ରମୁଖ ଶିଳ୍ପାନୁଷ୍ଠାନର ପ୍ରାୟ ୧୦୦ ଜଣ ଶ୍ରମିକ ଓ କର୍ମଚାରୀ ଭାଗ ନେଇଥିଲେ।

### ଆରମ୍ଭ ହେଲା ବଲ୍ଲଭୀଘାଟ ସେତୁ ମରାମତି

**ବିରଜାକ୍ଷେତ୍ର,୧୨।୩(ଡି.ଏନ୍.ଏ.)**

ପୂର୍ତ୍ତ ବିଭାଗ ଦ୍ୱାରା ମଙ୍ଗଳବାର ନିମ୍ନମାନର ଗ୍ରାଡିଂ କାମ ଯୋଗୁ ଦବିଯାଇଥିବା ବଲ୍ଲଭୀଘାଟ ସେତୁର ଉପରଭାଗକୁ ଖୋଳାଖୋଳି କରାଯାଇ ପୁନଶ୍ଚ କଂକ୍ରିଟ୍ ଢଳେଇ କରାଯାଇଛି। ଯାଜପୁର ସହର ନିକଟ ବଲ୍ଲଭୀଘାଟ ସେତୁ ସୋମବାର ଅପରାହ୍ନରେ ଦବିଯାଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ମଣିନାଥପୁର ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ଘଟିଛି ବୋଲି କହିବା ସହ ତୁରନ୍ତ ମରାମତି ପାଇଁ ଦାବି କରିଥିଲେ। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମହେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ୨୦୦୨ରେ ବୈତରଣୀ ନଦୀ ଡଙ୍ଗା ବୁଡ଼ିରେ ୨୩ ଲୋକ ପ୍ରାଣ ହରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରି ବଲ୍ଲଭୀଘାଟଠାରେ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା ୨ ସେତୁ ନିର୍ମାଣ କରିବା ପାଇଁ କହିଥିଲେ। ୨୦୦୪ରେ ଏହି ସେତୁ ଉଦ୍‌ଘାଟନ କରାଯାଇଥିଲା।


ବଲ୍ଲଭିଘାଟ ସେତୁର ମରାମତି କାର୍ଯ୍ୟ ଚାଲିଛି।

# ବରୀରେ ବିଜୟଙ୍କୁ ନେଇ ଚର୍ଚ୍ଚା, ବିଜେଡି ଶିବିରରେ ଭୂକମ୍ପନ

**ବରୀ,୧୨।୩(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇସାରିଲାଣି। ଏନେଇ ରାଜ୍ୟଠୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ରାଜନୀତି ଚର୍ଚ୍ଚା ମଧ୍ୟ ଜୋର ଧରିଲାଣି। ଏହି ଅବସରରେ ବରୀ ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ ଗୋଳକୁଣ୍ଡ ମା’ ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା ଏଠାକାର ରାଜନୈତିକ ପାଣିପାଗକୁ ଅଧିକ ଉଷ୍ମ କରିଛି। ଯାହାକୁ ନେଇ ବିଜେଡି ଶିବିରରେ ଭୂକମ୍ପନ ମଧ୍ୟ ସୃଷ୍ଟି ହୋଇଛି। ୨୦୦୦ ମସିହାରୁ ଲଗାତର ୨୦୧୯ ପର୍ଯ୍ୟନ୍ତ ବରୀ ବିଧାୟକ ଭାବେ ଦେବାଶିଷ ନାୟକ ଦାୟିତ୍ୱରେ ରହିଛନ୍ତି। ତେବେ ୨୦୦୯ଠାରୁ ଦେବାଶିଷଙ୍କ ଠାରୁ ଦଳୀୟ କର୍ମୀ ଧୀରେ ଧୀରେ ଦୂରେଇ ଯାଉଥିବାରୁ ଭୋଟ ବିଜୟ ହାର ମଧ୍ୟ କମିକମି ଯାଉଛି। ୨୦୧୯ ନିର୍ବାଚନରେ ବିଜେଡି ପୁନର୍ବାର ବିଧାନସଭା ଆସନକୁ ଅକ୍ତିଆର କରିବ ବୋଲି ରଣ କୌଶଳ ଆରମ୍ଭ କରିଥିବା ଜଣାପଡିଛି। ସେଥିପାଇଁ ଚଳିତ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ନୂଆ ମୁହଁ ଦେଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ନିକଟରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାର ମହିଳା ସମାବେଶରେ ଏମ୍‌ପି ଆସନ ପାଇଁ ୩୩% ମହିଳାଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଥିବାବେଳେ ବିଧାନସଭା ଆସନରେ ମହିଳାଙ୍କ ସଂରକ୍ଷଣକୁ ନେଇ କୌଣସି ସ୍ପଷ୍ଟ କରି ନାହାନ୍ତି। ଯାହାକି ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବରୀ ବିଧାନସଭା ଆସନ ପାଇଁ ଏବେ ବିଜେଡିରେ ୨ଜଣ ମହିଳା ଆଶାୟୀ ରହିଛନ୍ତି। ଏହି ସମୟରେ ବିଜେଡିର ସମ୍ପାଦକ ବିଜୟ ନାୟକ ନିଜ ଗ୍ରାମ ବରୀ ବ୍ଲକ ଅଧୀନ ମହାକାଳପଡ଼ା ଗ୍ରାମରେ ଶତାଧିକ ସମର୍ଥକଙ୍କ ସହ ଗୋଳକୁଣ୍ଡ ମା’ଙ୍କ ପୀଠରେ ମନସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରିବା ରାଜନୈତିକ ପାଣିପାଗ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏହି ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ବିଜୟଙ୍କ ସମର୍ଥକ ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ଦାସ, ସମିତିସଭ୍ୟ ଅଶୋକ କୁମାର ଜେନା, ସମିତି ସଭ୍ୟ ଶ୍ୟାମସୁନ୍ଦର ବେହେରା, ବିଜୁସେନା ବାହିନୀ ନେତା ସୋମ୍ୟ ରଞ୍ଜନ ଜେନା, ଅଭିମନ୍ୟୁ ଜେନା, ଶିବ ପ୍ରଶାଦ ଘଡେଇ,ଧନେଶ୍ୱର ଜେନା ପ୍ରମୁଖ ଶତାଧିକ ସମର୍ଥକ ଯୋଗ ଦେଇଥିଲେ। ପ୍ରକାଶ ଯେ, ୨୦୧୪ରେ ବିଜୟ ବରୀରେ ସଂଗଠନକୁ ମଜଭୁତ କରି ଟିକେଟ ହାତେଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଏବେ ପୁଣି ଟିକେଟ ଦୌଡ଼ରେ ରହିଥିବା ନେଇ ବିଜୟଙ୍କ ସମର୍ଥକମାନେ କହିଛନ୍ତି। ଏସଂକ୍ରାନ୍ତରେ ବିଜୟ ନାୟକଙ୍କୁ ପଚାରିବାରୁ ମା’ଙ୍କ ପୀଠଙ୍କୁ ପୂଜାର୍ଚ୍ଚନା କରିବାକୁ ଆସିଥିଲି। ବରୀର ଜନସାଧାରଣ ମୋତେ ବ୍ୟକ୍ତିଗତ ଭାବେ ଭଲ ପାଉଥିବାରୁ ମୋ ସାଙ୍ଗରେ ଉପସ୍ଥିତ ଥିଲେ। ବିଜେଡି ସଭାପତି ଯଦି ମୋତେ ବରୀ ପାଇଁ ସୁଯୋଗ ଦିଅନ୍ତି ତେବେ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି।


ନିଜ ସମର୍ଥକଙ୍କ ଗହଣରେ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ।

## ସଂକ୍ଷେପରେ

### କବି ପୀତାମ୍ବର ମହାପାତ୍ରଙ୍କୁ ନିହାର କନ୍ୟା ବିତନୁ ନାୟକ ସ୍ମୃତି ସମ୍ମାନ



ବିରିଡ଼ି,୧୨।୩ (ଡି.ଏନ.ଏ.): ବିରିଡ଼ି ବ୍ଲକ ଦଳେଇଘାଇସ୍ଥିତ ଆଷାଢ଼ ସାହିତ୍ୟ ସଂସଦର ସଭାପତି କବି ପୀତାମ୍ବର ମହାପାତ୍ରଙ୍କୁ ନିହାର କନ୍ୟା ବିତନୁ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ରବିବାର ବାଲେଶ୍ୱର ଜିଲା ସୋରସ୍ଥିତ ନୂଆଗାଁ ନୀହାର କନ୍ୟା ସାହିତ୍ୟ ସଂସଦର ୨୧ତମ ବାର୍ଷିକ ଉତ୍ସବରେ ତାଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଉତ୍ସବରେ ବରେଣ୍ୟ ଅତିଥି ଭାବେ କବି ପୀତମ୍ବର ତରାଇ, ଅକ୍ଷୟ କୁମାର ରାଉତ, ସୁନିଲ ମିଶ୍ର, ଦିବ୍ୟସିଂହ ଦାସ, ମମତା ଦାଶ, ନୀହାର କନ୍ୟାର ସମ୍ପାଦକ ସୁରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପାଇଁ ତାଙ୍କୁ କୁନ୍ତଳା ମହାପାତ୍ର, କବି ଖଗେଶ୍ୱର ମହାରଣା, ପ୍ରତାପ ଚନ୍ଦ୍ର ବେହେରା, ମାନସ ରଞ୍ଜନ ସ୍ୱାଇଁ, ପଣ୍ଡିତ ଗୁରୁ ପ୍ରସାଦ ରଥ, ଉମାକାନ୍ତ ରଥ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ବନବିହାରୀ ମଠରେ ନାମଯଜ୍ଞ ଉଦ୍‌ଯାପିତ



କୁଜଙ୍ଗ,୧୨।୩(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ଭୂତୁମୁଣ୍ଡାଇ ମଝିସାହିସ୍ଥିତ ବନବିହାରୀ ମଠ ପରିସରରେ ଶ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ ସହ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଶୁକ୍ରବାର କଳସ ଶୋଭାଯାତ୍ରା, ଶୁଭାଧିବାସ, ଶନିବାର ନାମଯଜ୍ଞ ଓ ରବିବାର ନଗର କୀର୍ତ୍ତନ ସହ ମହୋତ୍ସବ ହୋଇଥିଲା। ପରେ ବାବୁଲି ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଦଳ ସ୍ୱାଇଁ ଯୋଗଦେଇ ବିଭିନ୍ନ ସଂକୀର୍ତ୍ତନ ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ପ୍ରସନ୍ନ ନାୟକ, ପ୍ରଭାସ ପଲାଇ, ବଗୁଲି ପଲାଇ, ରମେଶ ବାରିକ, ନିତ୍ୟାନନଦ ଦାସ, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଥିଲେ। ସଂକୀର୍ତ୍ତନରେ ନୂଆଗଡ଼ ପ୍ରଥମ, ସିଂଗିତାଳି ଦ୍ୱିତୀୟ, କାଳିକୁଦ ଓ ମଙ୍ଗରାଜପୁର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ହୋର୍ଡିଂ ହଟାଇଲା ବ୍ଲକ ପ୍ରଶାସନ



ବିରିଡ଼ି/ବାଲିଆ,୧୨।୩(ଡି.ଏନ.ଏ.): ଆଦର୍ଶ ଆଚରଣ ବିଧି ଲାଗୁହେବା ପରେ ବିରିଡ଼ି ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ସରକାରୀ ଜାଗାରେ ଲାଗିଥିବା ଦଳୀୟ ବ୍ୟାନର, ହୋର୍ଡିଂ ଓ ପୋଷ୍ଟରକୁ ହଟାଯାଇଛି। ସୋମବାର ବ୍ଲକ ପରିସର, କୃଷି କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ, ପେଟ୍ରୋଲ ଟାଙ୍କି, ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର, ବିଦ୍ୟୁତ ଖୁଣ୍ଟ, ଏନଏଚ-୫୫ର କଇଜଙ୍ଗାଠାରୁ ବସନ୍ତପୁର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ବ୍ୟାନର ହୋର୍ଡିଂକୁ ହଟାଯାଇଛି। ଅବଶିଷ୍ଟ ସ୍ଥାନରୁ ଖୁବ୍‌ଶୀଘ୍ର ଏସବୁ ହଟାଯିବ ବୋଲି ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ କହିଛନ୍ତି। ରବିବାର ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ବ୍ୟାନର ହୋର୍ଡିଂକୁ ହଟାଯାଇଥିଲା। ଏବେ ବ୍ଲକର ୨୧ ପଞ୍ଚାୟତର ବିଭିନ୍ନ ସରକାରୀ ଅଫିସ, ଛକ ଓ ବିଦ୍ୟୁତ ଖୁଣ୍ଟରୁ ହୋର୍ଡିଂ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କମ୍ପାନୀ କରୁଛି ଶ୍ରେଣୀଗୃହ, ପାରୁନି ଶିକ୍ଷା ବିଭାଗ

ପାରାଦୀପ,୧୨।୩(ସ୍ୱ.ପ୍ର.)



ଗଛମୂଳେ ବସି ପଢୁଥିବା ଘୋଲାପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ।

■ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଥଇଥାନ କରିବାରେ ବିଭାଗ ଆଗରେ
■ଗଛମୂଳ, ଯଜ୍ଞ ପିଣ୍ଡିରେ ବସୁଛନ୍ତି ପିଲା

ପ୍ରଗତିର ମୁଖଶାଳା ପାରାଦୀପରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ପ୍ରତିକ ହୋଇରହିଛି ୫ନଂ. ୱାର୍ଡ ଘୋଲାପଡ଼ା ପ୍ରାଥମିକ ବିଦ୍ୟାଳୟ। ୨୦୦୮ରୁ ଉକ୍ତ ବିଦ୍ୟାଳୟ ଚାଲୁଥିଲେ ହେଁ ଏବେ ସୁଦ୍ଧା ପିଲାଙ୍କ ବସିବା ପାଇଁ ଜାଗା ନାହିଁ। ଗଛମୂଳ କିମ୍ବା ଯଜ୍ଞ ପାଇଁ ଉର୍ଦ୍ଦିଷ୍ଟ ପିଣ୍ଡି, ନଦୀପଠାରେ ପାଠ ପଢାଯାଉଛି। ଖୋଲା ଆକାଶ ତଳେ ପଢା ଚାଲିଥିବାରୁ ପ୍ରକୃତି ଦୟାରେ ବିଦ୍ୟାଳୟ ଚାଲେ। ଅର୍ଥାତ୍ ଅଧିକ ଖରା, ବର୍ଷା କିମ୍ବା ପବନ ହେଲେ ବିଦ୍ୟାଳୟ ଆପଣାଛାଏଁ ଛୁଟି ହୋଇଯାଏ। ଗତ ୧୧ ବର୍ଷ ମଧ୍ୟରେ ସର୍ବଶିକ୍ଷା ଯୋଜନା ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟ ନିମନ୍ତେ ଘର ଖଣ୍ଡିଏ କରାଯାଇ ପାରିନାହିଁ। ଏବେ ସେହି ସ୍କୁଲ ପାଇଁ ପିପିଏଲ ସିଏସ୍‌ଆର (କର୍ପୋରେଟ ସୋସିଆଲ ରେସ୍‌ପନ୍‌ସିବିଲିଟି) ଅର୍ଥରେ ଏକ ଫାଇବର ଘର ନିର୍ମାଣ କରୁଛି। ପ୍ରାୟ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଘର କାମ ଚଳିତମାସ ଶେଷ ସୁଦ୍ଧା ସରିବ ବୋଲି ଜଣାପଡିଛି। ପିଲାଙ୍କ ପାଇଁ କମ୍ପାନୀର ଏହି କାର୍ଯ୍ୟ ସ୍ୱାଗତଯୋଗ୍ୟ। ତେବେ ଯେଉଁ ସ୍ଥାନରେ କମ୍ପାନୀ ଅର୍ଥରେ ଘର ହୋଇପାରୁଛି, ସେଠାରେ ସର୍ବଶିକ୍ଷା ଯୋଜନା ଅର୍ଥରେ କାହିଁକି ଘର ହୋଇପାରିବ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଉକ୍ତ ସ୍କୁଲଗୃହ ନିର୍ମାଣ ପାଇଁ ୩ଥର ଅର୍ଥ ଆସି ଫେରିଯାଇଛି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିରାଙ୍ଗିନୀ ଦେଇ ସୂଚନା ଦେଇଛନ୍ତି। ସମାନ ଅବସ୍ଥା ପାରାଦୀପରେ ସର୍ବଶିକ୍ଷା ଅଭିଯାନ ଯୋଜନା ଅଧୀନରେ ଥିବା ୧୨ଟି ବିଦ୍ୟାଳୟ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଏହି ୧୨ ବିଦ୍ୟାଳୟର ଶ୍ରେଣୀଗୃହ ନାହିଁ। ପାନୀୟଜଳ, ବିଦ୍ୟୁତ୍, ଶୌଚାଳୟ, ଖେଳପଡିଆ ଆଦି ନାହିଁ। ଯେତେବେଳେ ମଧ ଏନେଇ ଅଭିଯୋଗ ଉଠିଛି, ଶିକ୍ଷା ବିଭାଗ ଅଧିକାରୀମାନେ ଗୋଟିଏ ସହଜ ଉତ୍ତର ଦିଅନ୍ତି ଯେ, ପୋର୍ଟ ଜାଗା ଦେଉ ନ ଥିବାରୁ ଆମେ ଶ୍ରେଣୀଗୃହ ନିର୍ମାଣ କରିପାରୁନାହୁଁ। ତେବେ ପିପିଏଲ ଘର କରିବା ଓ ଶିକ୍ଷା ବିଭାଗ କରି ନ ପାରିବା ସମ୍ପର୍କରେ ଜିଲା ପ୍ରକଳ୍ପ ସଂଯୋଜକ ସପନି କୁମାର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏହା ଷ୍ଟେଟ୍ ରୁଲ୍। ଯେ ପର୍ଯ୍ୟନ୍ତ ଉକ୍ତ ଜାଗା ସର୍ବଶିକ୍ଷା ଯୋଜନା ନାଁରେ କରାଯାଇନାହିଁ, ସେଠାରେ ବିଭାଗ ଅର୍ଥ ଖର୍ଚ୍ଚ କରିପାରିବ ନାହିଁ। କମ୍ପାନୀ ସିଏସ୍‌ଆର ଅର୍ଥରେ ଘର ହୋଇଗଲେ ଭଲ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର କୁହନ୍ତି, ସେହି ଜାଗାରେ ଘର କରିବାକୁ ଆମେ କାହାକୁ ସ୍ୱୀକୃତି ଦେଇନାହୁଁ। ଯିଏ କରୁଥିବେ, ସିଏ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପିପିଏଲ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅନୁରୋଧ କ୍ରମେ ଆମେ ସେଠାରେ ଅସ୍ଥାୟୀ ଘର କରୁଛୁ ବୋଲି ସେ କହିଛନ୍ତି। ଯଦି ଘୋଲାପଡ଼ା ସ୍କୁଲ କମ୍ପାନୀ ସିଏସ୍‌ଆର ଅର୍ଥରେ ହୋଇପାରୁଛି, ତେବେ ଅନ୍ୟ ୧୧ଟି ସ୍କୁଲ ପାଇଁ କାହିଁକି ନୁହେଁ ତାହା ମଧ୍ୟ ବିଚାର କରାଯିବା ଆବଶ୍ୟକ। ସୋମବାର ଘୋଲାପଡ଼ା ବିଦ୍ୟାଳୟର ପରିବେଶ ଯେପରି ଥିଲା ତାହା ଆଖିରେ ନ ଦେଖିଲେ ବିଶ୍ୱାସ ହେବ ନାହିଁ। ବିଦ୍ୟାଳୟର ୬୦ ପିଲା ଏକ ପୁରୁଣା ବରଗଛ ଓ ଯଜ୍ଞ ବିଣ୍ଡିରେ ବସି ପଢୁଥିଲେ। ବିଦ୍ୟାଳୟର ମୋଟ୍ ପିଲା ସଂଖ୍ୟା ୯୦ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ୧ମରୁ ୫ମ ପର୍ଯ୍ୟନ୍ତ ୬୦ ପିଲାଙ୍କୁ ଏକାଠି ବସାଇ ପଢାଯାଉଥିଲା। ୨ ଜଣ ଶିକ୍ଷୟିତ୍ରୀ ଉପସ୍ଥିତ ଥିବାବେଳେ ଅନ୍ୟ ୨ଜଣ ଶିକ୍ଷୟିତ୍ରୀ ଟ୍ରେନିଂରେ ଯାଇଥିବା ସୂଚନା ମିଳିଥିଲା। ଗଛତଳେ ବସିଥିବାରୁ ଛାତ୍ରୀଛାତ୍ରଙ୍କ ଉପରେ ଗଛ ଉପରୁ ପକ୍ଷୀଙ୍କ ମଳ ପଡୁଥିଲା। ତାହାକୁ ସେମାନେ ସଫା କରିବାରେ ଲାଗିଥିଲେ। ସେପଟେ ଯଜ୍ଞ ମଣ୍ଡପରେ ଉତ୍ସବ ଚାଲିଥିଲା। ଡାକବାଜି ଯନ୍ତ୍ର ଶବ୍ଦରେ କିଛି କଥାବାର୍ତ୍ତା ଶୁଭୁ ନ ଥିଲା। ଏମିତି ପରିବେଶରେ ପଢୁଥିବା ପିଲା ଆଉ ୩ ଦିନ ପରେ ବାର୍ଷିକ ପରୀକ୍ଷା ଦେବେ। ସମାନ ଭାବେ ଅନ୍ୟ ୧୧ ବିଦ୍ୟାଳୟ ଚାଲିଛି। କେତେକ ସ୍ଥାନରେ ଜଣେ ଓ ୪ ଜଣ ପିଲାରେ ସ୍କୁଲ ଚାଲିଛି। ଛାତ୍ରୀଛାତ୍ର ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକ ସଂଖ୍ୟା ବଢିଚାଲିଛି। ୨୦୦୯-୧୦ ବର୍ଷରେ ଏହି ୧୨ ସ୍କୁଲରେ ୪୨୦୦ ଛାତ୍ରୀଛାତ୍ର ଓ ୩୫ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ। ମାତ୍ର ୨୦୧୮ ଶିକ୍ଷା ବର୍ଷରେ ଛାତ୍ରୀଛାତ୍ର ସଂଖ୍ୟା ୧୦୪୦ ଓ ଶିକ୍ଷୟିତ୍ରୀ ଶିକ୍ଷକ ସଂଖ୍ୟା ୬୩ରେ ପହଞ୍ଚିଛି। ଏଭଳି ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ରାଜନୈତିକ ଇସ୍ୟୁ ହେବ ବୋଲି କୁହାଯାଉଛି।

■ ସରପଞ୍ଚଙ୍କ ଘରକୁ ବୋମାମାଡ଼ ମାମଲା

## ମୁଖ୍ୟ ଅଭିଯୁକ୍ତ ସଂଗ୍ରାମ ଗିରଫ, ୨ ବୋମା ଜବତ

ଜଗତ୍‌ସିଂହପୁର ଅଫିସ,୧୨।୩



ବୋମାମାଡ଼ ଘଟଣାରେ ଗିରଫ ହୋଇଥିବା ସଂଗ୍ରାମ ଭୋଇ।

■ମାଷ୍ଟର ମାଇଣ୍ଡ କୁହାଯାଉଥିବା ଚିକେନ୍ ବାବୁଙ୍କ ସମ୍ପୃକ୍ତିକୁ ନେଇ ଖୋଳତାଡ଼
■ସଂଗ୍ରାମଙ୍କ ନାମରେ ବିଭିନ୍ନ ଥାନାରେ ରହିଛି ମାମଲା

ଗତମାସ ୨୨ ତାରିଖରେ ବିରିଡ଼ି ଥାନା ଅନ୍ତର୍ଗତ ଉକୁନ୍ଦରା ସରପଞ୍ଚ ତଥା ଏହି ଗାଁର ଚନ୍ଦ୍ରଶେଖର ଦାଶଙ୍କ ଘରକୁ ବୋମା ମାଡ଼ ହୋଇଥିଲା। ବୋମାମାଡ଼ରେ ସରପଞ୍ଚଙ୍କ କାର (ନଂ.ଓଡି ୨୧ଇ ୦୨୩୪) କେତେକାଂଶରେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିରିଡ଼ି ଥାନା ଉକୁନ୍ଦରାର ସମ୍ଭୁ ଓରଫ ସଘୁ ଓରଫ ସଂଗ୍ରାମ ଭୋଇଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ୨ଟି ହାତ ତିଆରି ବୋମା ଜବତ ହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଜାଲ ବିଛାଇଥିବା ସୂଚନା ମିଳିଛି। କିନ୍ତୁ ମାଷ୍ଟର ମାଇଣ୍ଡ କୁହାଯାଉଥିବା ମୋଇନ୍ଦପୁରର ରାସ ବିହାରୀ ଦାସ ଓରଫ ଚିକେନ୍ ବାବୁଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଜାରିରହିଛି। ମଙ୍ଗଳବାର ଜଗତ୍‌ସିଂହପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୨ ତାରିଖ ସନ୍ଧ୍ୟାରେ ସଂଗ୍ରାମ ଓ ଅନ୍ୟ ୨ ସହଯୋଗୀ ଏକ କଳା ରଙ୍ଗର ବାଇକ୍‌ରେ ଯାଇ ସରପଞ୍ଚଙ୍କ ଘରକୁ ୨ଟି ବୋମାମାଡ଼ କରିଥିଲେ। ସେହିଦିନ ରାତି ୧୧.୩୦ରେ ଚନ୍ଦ୍ରଶେଖରଙ୍କ ଅଭିଯୋଗ ଉପରେ ବିରିଡ଼ି ଥାନାରେ ମାମଲା ନଂ.୨୪/୧୯ ରୁଜୁ ହୋଇଥିଲା। କିନ୍ତୁ ଚନ୍ଦ୍ରଶେଖରଙ୍କ ଅଭିଯୋଗ ଥିଲା ଚିକେନ ବାବୁ ଓ ଅନ୍ୟ ୨ ଜଣ ଏକ କଳା ରଙ୍ଗର ବାଇକ୍‌ରେ ଆସି ସନ୍ଧ୍ୟା ୭ଟାରେ ତାଙ୍କ ଘର ଉପରେ ବୋମାମାଡ କରିଥିଲେ। ଚିକେନ ବାବୁ ପୂର୍ବରୁ ରାଜନୈତିକ କାରଣରୁ ତାଙ୍କୁ ଧମକାଇଥିଲେ। ଏ ସମ୍ପର୍କରେ ଅଧିକ ତଦନ୍ତ ପରେ ଚିକେନ ବାବୁଙ୍କ ସମ୍ପୃକ୍ତି ନେଇ ସ୍ପଷ୍ଟ ସୂଚନା ମିଳିବ ବୋଲି ଏସଡିପିଓ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟ ଅଭିଯୁକ୍ତ ସଂଗ୍ରାମଙ୍କ ନାମରେ ଜଗତ୍‌ସିଂହପୁର, ବିରିଡ଼ି ଥାନା, ଭୁବନେଶ୍ୱର କମିଶନରେଟ୍ ପୋଲିସ, କଳାହାଣ୍ଡି ଓ କଟକ ପୋଲିସ ଜିଲାରେ ଏକାଧିକ ମାମଲା ରହିଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର, ବିରିଡ଼ି ଥାନା ସବ୍‌ଇନ୍ସପେକ୍ଟର ଜେ. ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ମତଦାନ ପାଠଶାଳା

ବାଙ୍କୀ,୧୨।୩(ସ୍ୱ.ପ୍ର.)

ବାଙ୍କୀ କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ମତଦାନ ପାଠଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାଧ୍ୟାପକ ମନୋଜ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦାନ କରି ଇଭିଏମ୍ ଓ ଭିଭିପିଏଟି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ପକ୍ଷରୁ ନିଯୁକ୍ତିମେଳା

ବିରିଡ଼ି,୧୨।୩(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ବିରିଡ଼ି ବ୍ଲକ ଅଣଖିଆ ପକ୍ଷରୁ ମଙ୍ଗଳବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଗ୍ରାମତରଙ୍ଗ ନିର୍ଦ୍ଦେଶକ ଦେବାଶିଷ ପଣ୍ଡାଙ୍କ ନିର୍ଦ୍ଦେଶନାରେ କେନ୍ଦ୍ର ପରିଚାଳକ ପ୍ରଫେସର ଦେବେନ୍ଦ୍ର କୁମାର ସାହୁ ଏହି ମେଳା ଆୟୋଜନ କରିଥିଲେ। ୯୫ ତାଲିମପ୍ରାପ୍ତ ଛାତ୍ରୀଛାତ୍ର ମେଳାରେ ଅଂଶଗ୍ରହଣ କରିଥିଲେ। କମ୍ପ୍ୟୁଟର ଲାବ ଭୁବନେଶ୍ୱର, କାର୍ ଭି ଭୁବନେଶ୍ୱର, ବରଗର କିଙ୍ଗ ଭୁବନେଶ୍ୱର, ୟୁରେକା କଟକ, ମେଟା ଫେଲକ୍ସ ଗ୍ରେଟର ନୋଏଡା ଉତ୍ତରପ୍ରଦେଶ, ଓଲା କ୍ୟାବ୍‌ସ ମହାରାଷ୍ଟ୍ର, ମାଇକ୍ରୋ ଟର୍ନର ହିମାଚଳ ପ୍ରଦେଶ, ଅନ୍ନପୂର୍ଣ୍ଣା ମାଇକ୍ରୋ ଫାଇନାନ୍ସ ଭୁବନେଶ୍ୱର ଆଦି ୮ କମ୍ପାନୀ ଏଥିରେ ଯୋଗଦେଇ ୪୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବାକୁ ଚୟନ କରିଥିଲେ। ଏହି ଛାତ୍ରୀଛାତ୍ର ଏଠାରେ ବିଭିନ୍ନ ଟ୍ରେଡରେ ଗତ ଡିସେମ୍ବରରୁ ତାଲିମ ନେଇଥିଲେ। ତାଲିମ ନେଇଥିବା ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ପରିଚାଳକ ପ୍ରଫେସର ସାହୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। କେନ୍ଦ୍ର କର୍ମଚାରୀ ସୁବ୍ରତ ରାଉତ, ସୁପ୍ରଭା ସ୍ୱାଇଁ, ମାନସ ମାଝୀ, ଲଲାଟେନ୍ଦୁ ରାୟ, ବିଭୁରଞ୍ଜନ ସାହୁ, ନିର୍ମଳ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ପିପିଏଲ୍‌ର ଜାତୀୟ ସୁରକ୍ଷା ଦିବସ

ପାରାଦୀପ,୧୨।୩(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ) ପରିସରରେ ମଙ୍ଗଳବାର ୪୮ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଛି। କମ୍ପାନୀ ଓ କାରଖାନା ବାସ୍ତିତ ବିଭାଗ ପକ୍ଷରୁ ଏହି ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏକ ସଚେତନତା ରଥ ମଧ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ବୁଲିଥିଲା। ଶେଷ ଦିନ କାର୍ଯ୍ୟକ୍ରମରେ କାରଖାନା ଓ ବାସ୍ତିତ ବିଭାଗର ଉପନିର୍ଦ୍ଦେଶକ ମଳୟ ପ୍ରଧାନ, ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, କମ୍ପାନୀ ମୁଖ୍ୟ ରଣଜିତ ସିଂ ଚୁଗ୍, ପରିଚାଳକ (ଅପରେଶନ) ପ୍ରଣବ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ସେଫ୍ଟି ଅଧିକାରୀ ନିହାର ରଞ୍ଜନ ରାଉତ ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଏଥିସହ ସୁରକ୍ଷା ସପ୍ତାହ ବ୍ୟାପୀ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ପରିକ୍ରମା କରୁଥିବା ସଚେତନତା ରଥକୁ ଅତିଥି ସ୍ୱାଗତ କରୁଛନ୍ତି।

## ନବନିର୍ମାଣ ସଙ୍ଗଠନର ବୈଠକ

କୁଜଙ୍ଗ,୧୨।୩(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ୨୮ ପଞ୍ଚାୟତର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ମହବୀର ମଠ ପ୍ରାଙ୍ଗଣରେ ଏକ ବୈଠକ ବ୍ଲକ୍ ସଂଯୋଜକ ବିଷ୍ଣୁ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ ଯୋଗଦେଇ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ବିକ୍ଷୋଦ୍‌ଗାର କରିବା ସହ ପ୍ରଶାସନ ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କୁ ଅସହଯୋଗ କରୁଥିବା କହିଥିଲେ। କାଳିଆ ଯୋଜନାରେ ଚାଷୀଙ୍କୁ ଭେଳିକି ଦେଖାଯାଉଛି। ଆସନ୍ତା ସାଧାରଣ ନିର୍ବାଚନରେ କୃଷକ ସଙ୍ଗଠନ ଉପଯୁକ୍ତ ଜବାବ ଦେବ ବୋଲି ଏଥିରେ କୁହାଯାଇଥିଲା। ବ୍ଲକ୍ କାର୍ଯ୍ୟାଳୟରେ ବିଶ୍ରାମାଗାର ଓ ଶୌଚାଳୟ ଆଦି ନ ଥିବାରୁ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ଜେନା, ଜାନକୀ ମହରଥା, ଧିରେନ୍ଦ୍ର କୁମାର ବିଶ୍ୱାଳ, କୈଳାସ ବାରିକ, ବିଭୂତି ଭୂଷଣ ଜେନା, ବନଲତା ସାମଲ, ମମତା ମଲିକ, ରବୀନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ନୀରଞ୍ଜନ ନାୟକ, ନୂତନ ଚନ୍ଦ୍ର ତ୍ରିପାଠି, ଶରତ ନାୟକ, ସାନନ୍ଦ ସାହୁ, ବେବେନ୍ଦ୍ର ମହାନ୍ତି, ମକର ଦାସ, ରଞ୍ଜନ ପ୍ରଧାନ, ପ୍ରଭାକର ସ୍ୱାଇଁ ଓ ନିକୁଞ୍ଜ କୁମାର ଦାସ ପ୍ରମୁଖ ଯୋଗଦେଇ ଥିଲେ।



ନବ ନିର୍ମାଣ କୃଷକ ସଂଗଠନ ବୈଠକରେ ଉପସ୍ଥିତ ଚାଷୀ ଓ କର୍ମକର୍ତ୍ତା।

## ବାଙ୍କୀ ଏନଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ

ବାଙ୍କୀ,୧୨।୩(ସ୍ୱ.ପ୍ର.)

ବାଙ୍କୀ ଏନଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ବିନୟ ମହାପାତ୍ର ମଙ୍ଗଳବାର ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ହିନ୍ଦୋଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ମୁଖ୍ୟ କିରାଣି ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିବା ସହ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କାର୍ଯ୍ୟକାରୀ ହେଉନି କୁକୁର ବନ୍ଧ୍ୟାକରଣ

ଜଗତ୍‌ସିଂହପୁର ଅଫିସ,୧୨।୩

■ବଢୁଛି ପାଗଳ କୁକୁର ଆତଙ୍କ, ପଥଚାରୀ ଭୟଭୀତ
■ଡଗସ୍କ୍ୱାର୍ଡ, ଆବଶ୍ୟକ ଔଷଧ, ସରଞ୍ଜାମ ନାହିଁ

ଜଗତ୍‌ସିଂହପୁର ସହରରେ ଦିନକୁ ଦିନ ପାଗଳ କୁକୁର ଆତଙ୍କ ବଢିଚାଲିଛି। ଅନେକ ସମୟରେ ପଥଚାରୀ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ତେଣୁ ଲୋକେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି। ଅନ୍ୟପକ୍ଷରେ ଜଗତ୍‌ସିଂହପୁର ପୌରାଞ୍ଚଳରେ ଏଯାବତ୍ କୁକୁର ବନ୍ଧ୍ୟାକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଦିନକୁ ଦିନ ବୁଲା କୁକୁରଙ୍କ ସଂଖ୍ୟା ବଢିବାରେ ଲାଗିଛି। ସରକାର ଏନେଇ ଅନୁଦାନ ଯୋଗାଇଥିଲେ ସୁଦ୍ଧା ଯନ୍ତ୍ରପାତି ଓ ଔଷଧ ଆଦି କିଣିବାରେ ବିଳମ୍ବ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ବୁଲା କୁକୁର ସଂଖ୍ୟା ରୋକିବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ସେହି ଅନୁଯାୟୀ, ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ସହରରେ କୁକୁର ବନ୍ଧ୍ୟାକରଣ ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। କିନ୍ତୁ ଇତିମଧ୍ୟରେ ୨ ମାସ ବିତିଥିଲେ ସୁଦ୍ଧା ଆବଶ୍ୟକ ଯନ୍ତ୍ରପାତି ଓ ଔଷଧ ଅଭାବରୁ କୌଣସି କାର୍ଯ୍ୟ ହୋଇପାରିନାହିଁ। ଏ ସମ୍ପର୍କରେ ପରିଷଦ ପକ୍ଷରୁ କୁହାଯାଇଛି ଯେ, ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ବିଲ୍ଡିଂ କାମ ପ୍ରାୟ ୧ ବର୍ଷ ହେଲା ସରିଛି। କେବଳ ଆବଶ୍ୟକ ଯନ୍ତ୍ରପାତି ଓ ଔଷଧ କିଣା ହେଲେ କୁକୁର ବନ୍ଧ୍ୟାକରଣ ବ୍ୟବସ୍ଥା ଉପଲବ୍ଧ ହେବ। ୧ ମାସ ତଳେ ପରିଷଦ ପକ୍ଷରୁ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ନିର୍ଦ୍ଦେଶକଙ୍କୁ କି ଯନ୍ତ୍ରାଂଶ ଓ ଔଷଧ ଆବଶ୍ୟକ ତାହା ଜଣାଇବା ସହ ଚିଠି କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ଆସିନାହିଁ। ଚିଠି ପାଇଲା ପରେ ପ୍ରାଣୀ ଚିକିତ୍ସା ଓ ପାଳନ ନିର୍ଦ୍ଦେଶକଙ୍କୁ ଆବଶ୍ୟକ ଅର୍ଥରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ସେହିପରି ଡଗ୍ ସ୍କ୍ୱାର୍ଡ ମଧ୍ୟ ନାହିଁ। ଡଗ୍ ସ୍କ୍ୱାର୍ଡ ନ ଥିବାରୁ କୁକୁର ଧରିବା ସମ୍ଭବ ହେଉନି। କିଛି ମାସ ତଳେ ତତ୍କାଳୀନ ଏସ୍‌ପି ଜେ. ଏନ୍. ପଙ୍କଜଙ୍କ ଉଦ୍ୟମ ଓ ପିପୁଲ ଫର ଆନିମଲ୍ ସହାୟତାରେ କୁକୁର ବନ୍ଧ୍ୟାକରଣ କ୍ୟାମ୍ପ ହୋଇଥିଲା। ଓୟୁଏଟିରୁ ଡାକ୍ତରୀ ଦଳ ଆବଶ୍ୟକ ସରଞ୍ଜାମ ଓ ଔଷଧ ସହ ପହଞ୍ଚି ଅସ୍ତ୍ରୋପଚାର କରିଥିଲେ। ପରେ ଆଉ କେବେ କୁକୁର ବନ୍ଧ୍ୟାକରଣ ପାଇଁ ଉଦ୍ୟମ ହୋଇନାହିଁ। ସୂଚନାଯୋଗ୍ୟ ଯେ, ସହରରେ ଲୋକେ ବିଶେଷକରି ବ୍ୟବସାୟୀମାନେ ସଚେତନ ରହୁ ନ ଥିବାରୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ହୋଟେଲ, ଜଳଖିଆ ଦୋକାନୀମାନେ ବାସିଖାଦ୍ୟ ବାହାରେ ଫିଙ୍ଗୁଥିବାରୁ ବୁଲା କୁକୁର ସଂଖ୍ୟା ବଢିଚାଲିଛି। କିଛି ମାସ ତଳେ ୨ଟି କୁକୁର ଜଳାତଙ୍କ ରୋଗର ଶିକାର ହୋଇଥିଲେ। ଏହି କୁକୁର କାମୁଡାରେ ପାଖାପାଖି ୨୦ ଜଣ ଆହତ ହୋଇଥିଲେ। ଏପରି କି କେତେକ ଗାଈ, ଛେଳି ଓ ମେଣ୍ଢାଙ୍କୁ କୁକୁର କାମୁଡ଼ି ଥିଲା।

## ସଂକ୍ଷେପରେ

### ବିଷାକ୍ତ ଖାଦ୍ୟ ଖାଇ ଭାଇ ମୃତ, ଭଉଣୀ ଗୁରୁତର

**ଦଶପଲ୍ଲା,୧୨।୩(ଡ.ଏନ.ଏ.):** ଦଶପଲ୍ଲା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ଭଉଣୀ ଗୁରୁତର ହୋଇଛନ୍ତି। ଗ୍ରାମର ଅଚ୍ୟୁତ ପ୍ରଧାନଙ୍କ ପୁଅ କାହ୍ନା(୭) ସୋମବାର ଭାତ ଖାଇବା ପରେ ପେଟ କାଟିବା ସହ ଝାଡ଼ାବାନ୍ତି ହୋଇଥିଲା। ଏହାର କିଛି ସମୟ ବ୍ୟବଧାନରେ ଝିଅ ଜିନା(୧୦) ମଧ୍ୟ ଭାତ ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। କାହ୍ନାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଝିଅ ଜିନାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଜିନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଭାତରେ ବୁଢ଼ିଆଣୀ କିମ୍ବା ଅନ୍ୟ କୌଣସି ବିଷାକ୍ତ ଜୀବ ପଡ଼ିଥିବା ସନ୍ଦେହ କରାଯାଉଛି।

### ଚୋରା ବାଇକ୍ ର୍ୟାକେଟ ଠାବ ୮ ଗିରଫ, ୩୩ ବାଇକ୍ ଜବତ



**ପୁରୀ ଅଫିସ,୧୨।୩:** ପୁରୀ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ଚୋରା ବାଇକ ର୍ୟାକେଟର ଭୂସ୍ୱର୍ଗ ପାଲଟିଛି। ରୀତିମତ ଭାବେ ପୁରୀ ଅଞ୍ଚଳରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ହେବା ପରେ ପୋଲିସର ମୁଣ୍ଡବ୍ୟଥା ବଢ଼ିଥିଲା। ଏହି ର୍ୟାକେଟକୁ ଧରିବା ଲାଗି ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଥିଲା। ମଙ୍ଗଳବାର ଏଭଳି ଏକ ଚୋରା ବାଇକ ର୍ୟାକେଟକୁ ପୋଲିସ ଠାବ କରିଛି। ଏନେଇ ବିଭିନ୍ନ ଥାନାରେ ପୃଥକ ଭାବେ ୧୩ଟି ମାମଲା ରୁଜୁ ହୋଇଛି। ଏଥିରେ ୮ଜଣ ଗିରଫ ହୋଇଥିବାବେଳେ ୩୩ଟି ବାଇକ୍ ଜବତ ହୋଇଛି ବୋଲି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରିର ଦୀପକ କୁମାର ସାହୁ, ସୁମନ୍ତ ମାଝି, ଦୀପକ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ବିଘ୍ନେଶ ପ୍ରଧାନ, ପଣସପଦାର ରାକେଶ ପ୍ରଧାନ, କୃଷ୍ଣପ୍ରସାଦର ସୁନୀଲ କୁମାର ପ୍ରଧାନ ଓ ମଙ୍ଗଳାଘାଟର ତୋଫାନ କୁମାର ସାହୁ। ଗତ ଫେବୃୟାରୀ ଓ ମାର୍ଚ୍ଚରେ ସମୁଦ୍ରକୂଳ ଥାନା ଅଞ୍ଚଳରୁ ଚୋରି ଯାଇଥିବା ଚୋରା ବାଇକ୍ ଘଟଣାରେ ଏକ ଟିମ୍ ପ୍ରଥମେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦରେ ଚଢ଼ାଉ ବେଳେ ଅନ୍ୟ ଚୋରି ବାଇକ୍‌ର ସନ୍ଧାନ ପାଇଥିଲା ବୋଲି ଆଇଜି ପ୍ରିୟଦର୍ଶୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଏସପି ପି.କେ. ସ୍ୱାଇଁ, ସିଟି ଡିଏସ୍‌ପି ସହଦେବ ସାହୁ ଏବଂ ସମସ୍ତ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

### ତହସିଲ ଫାଟକରେ ତାଲା ପକାଇଲେ ଆଇନଜୀବୀ

**ପୁରୀ ଅଫିସ,୧୨।୩:** ପୁରୀ ତହସିଲରେ କାମ ହେଉ ନ ଥିବା ଅଭିଯୋଗ କରି ମଙ୍ଗଳବାର କେତେଜଣ ଆଇନଜୀବୀ ତହସିଲ ଫାଟକରେ ତାଲା ପକାଇଥିଲେ। ପ୍ରାୟ ୧୫/୨୦ ମିନିଟ୍ ଧରି ତାଲା ପକାଇବା ପରେ ତହସିଲଦାର ବରଣେନ୍ଦୁ ମହାନ୍ତି ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏଣିକି କାମ ତ୍ୱରାନ୍ୱିତ ହେବ ବୋଲି କହିବା ପରେ ଫାଟକରୁ ତାଲା ଫିଟାଯାଇଥିଲା। ତାଲା ପକାଇଥିବା ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ଜନସାଧାରଣ ହଇରାଣ ହେବା ସହ କାର୍ଯ୍ୟାଳୟକୁ ଆସି ଫେରିଯାଉଛନ୍ତି।

# ପୋଲିସ ଗାଡ଼ି ଧକ୍କାରେ ଜଣେ ଗୁରୁତର

**ନୂଆଗାଁ,୧୨।୩(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ମୁଦୁରାଙ୍ଗଠାରେ ମଙ୍ଗଳବାର ଅପରାହ୍ଣ ୪ଟାରେ ଏକ ପୋଲିସ ଗାଡ଼ି ଧକ୍କାରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ନୟାଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ନୂଆଗାଁ ଗ୍ରାମର ଦୟାନିଧି ପ୍ରଧାନ (୫୦)। ଦୟାନିଧିଙ୍କ ସାଥିରେ ଯାଉଥିବା ମୁଦୁରାଙ୍ଗ ଗ୍ରାମର ତ୍ରିନାଥ ନାୟକଙ୍କ କହିବା ଅନୁଯାୟୀ, ଦୟାନିଧି ଓ ତ୍ରିନାଥ ବିଭୂତିଆରେ ଥିବା ନିଜ ଜମିକୁ ଯାଉଥିଲେ। ଏହି ସମୟରେ ଏକ ପୋଲିସ ଗାଡ଼ି ପଛପଟୁ ଧକ୍କା ଦେବାରେ ଦୟାନିଧି ବହୁ ଦୂରକୁ ଛିଟିକି ପଡିଥିଲେ। ତ୍ରିନାଥ ପାଟି କରିବାରୁ ଦ୍ରୁତ ଗତିରେ ପଳାଇଯାଉଥିବା ପୋଲିସ ଗାଡ଼ିକୁ ଅଟକାଇବା ପାଇଁ ଲୋକମାନେ ରାସ୍ତା ଉପରକୁ ଦୌଡ଼ି ଆସିବାରୁ ଡ୍ରାଇଭର ଗାଡ଼ି ଆଗକୁ ନ ନେଇ ପଛପାର୍ଶ୍ୱରେ ବୁଲାଇ ପଳାଇବା ପାଇଁ ଉଦ୍ୟତ ହୋଇଥିଲେ। କିନ୍ତୁ ସେହି ପାର୍ଶ୍ୱରେ ମଧ୍ୟ ଲୋକେ ଜଗି ଦେବାରେ ଗାଡ଼ି ଖସିଯାଇ ପାରି ନ ଥିଲା। ଲୋକମାନେ



ଦୁର୍ଘଟଣା ସ୍ଥଳରେ ଭିଡ଼।

**ପୋଲିସ କର୍ମଚାରୀଙ୍କ ଅମାନୁଷିକ କାର୍ଯ୍ୟରେ ଲୋକେ କ୍ଷୁବ୍ଧ**

ମାଡ଼ମାରିବା ଭୟରେ ଗାଡ଼ିରେ ଥିବା ପୋଲିସ କର୍ମଚାରୀ ଆହତଙ୍କୁ ଉଠାଇବା ପାଇଁ ଯାଇଥିଲେ। କିନ୍ତୁ ସେମାନେ ଅତି ମାତ୍ରାରେ ମଦ୍ୟପାନ କରିଥିବାରୁ ଆହତଙ୍କୁ ଗାଡ଼ିରେ ବସାଇବା ପାଇଁ ଟେକିଆଣିବା ସମୟରେ ଅକଥନୀୟ ଯନ୍ତ୍ରଣା ଦେଇଥିଲେ। ଯାହାର ରେକର୍ଡିଂ କରି ସ୍ଥାନୀୟ ଯୁବକମାନେ ପୋଲିସ ଅଧିକାରୀଙ୍କୁ ଦେଖାଇଛନ୍ତି। ସେମାନଙ୍କ ଅମାନୁଷିକ ଦୃଶ୍ୟ ଦେଖି ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ ମର୍ମାହତ ହୋଇପଡ଼ିଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ନୂଆଗାଁ ଦମକଳବାହିନୀ ଗାଡି ସାହାଯ୍ୟରେ ନୟାଗଡ଼ ପଠାଇ ପୋଲିସ ଗାଡ଼ିକୁ ଅଟକାଇ ରଖିଥିଲେ। ଏହି ଖବର ନୂଆଗାଁ ଥାନା ପୋଲିସ ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ସେହି ଗାଡ଼ିରେ ଥିବା ଗଣିଆ ଥାନା ଏ.ଏସ. ଆଇ ପବିତ୍ର ମୋହନ ପ୍ରଧାନ, ଏ.ଏସ. ଆମୁଲ୍ୟ କୁମାର ମହାନ୍ତି, କନଷ୍ଟେବଳ ଭାସ୍କର ପ୍ରଧାନ ଓ ହୋମଗାର୍ଡ଼ ପ୍ରିୟକାନ୍ତ ମଲିକଙ୍କୁ ନୂଆଗାଁ ଥାନା ଅଧିକାରୀ ମନୋରମା ମଲିକ ଅଟକାଇ ପଚରାଉଚରା କରିଥିଲେ। କିନ୍ତୁ ସେମାନେ ମଦ୍ୟପାନ କରିଥିବାରୁ ଠିକ ଭାବେ କିଛି କହି ପାରୁ ନ ଥିଲେ। ଖବର ପାଇ ନୟାଗଡ଼ ଏସ.ପି.,ଏସଡିପିଓ ପାଢୀଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡି ନଂ.ଓଡି ୦୫ ପି ୪୦୬୨। ସେଥିରେ ଥିବା ଗଣିଆ ଥାନାର ପୋଲିସ କର୍ମଚାରୀମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ଫ୍ଲାଇଂ ସ୍କ୍ୱାଡ ଡ୍ୟୁଟି ଦିଆଯାଇଥିବାରୁ ସେମାନେ ନୟାଗଡ଼ରୁ ମିଟିଂ ସାରି ଗଣିଆ ଫେରୁଥିଲେ। ଏସଡିପିଓ ପାଢୀ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ପୋଲିସ କର୍ମଚାରୀଙ୍କୁ ମଦ୍ୟପାନର ପରୀକ୍ଷା କରାଇବା ପାଇଁ ମହୀପୁର ଡାକ୍ତରଖାନା ନେଇଥିଲେ। ଏ ନେଇ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ନଂ. ୨୪/୧୯ ରୁଜୁ କରାଯାଇଛି ଏବଂ ପୋଲିସ କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଡିପିଓ ପାଢ଼ୀ କହିଛନ୍ତି।

# ଦୁଇ ମାସ ଧରି ଅଚଳ ନଳକୂପ କାର୍ଯ୍ୟକ୍ଷମ ହେଲା

**ରଣପୁର,୧୨।୩(ସ୍ୱ.ପ୍ର.)**

**ଧରିତ୍ରୀ ପ୍ରଭାବ**

ସ୍ଥାନୀୟ ବିଦ୍ୟାଳୟରେ ୨ମାସ ଧରି ଅଚଳ ହୋଇଥିବା ନଳକୂପ ଯୋଗୁ ଛାତ୍ରୀଛାତ୍ର ବହୁ ସମସ୍ୟା ଭୋଗୁଥିବା ଖବର 'ଧରିତ୍ରୀ'ରେ ପ୍ରକାଶିତ ପରେ ପିଏଚ୍‌ଡି ବିଭାଗ ପକ୍ଷରୁ ତୁରନ୍ତ ଏହାକୁ ମରାମତି କରାଯାଇଛି। ଏଥିଯୋଗୁ ଛାତ୍ରୀଛାତ୍ର, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ଖବର ପ୍ରକାଶିତ ପରେ ସେହିଦିନ ହିଁ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୨ନମ୍ବର ଓ୍ୱାର୍ଡସ୍ଥିତ ହରିଜନ ବସ୍ତି ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ ଓ ବାସନ ଧୋଇବା ଆଦି ବିଭିନ୍ନ ସମସ୍ୟା ଦୂରହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାନୀୟଜଳ ବିଭାଗ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ନଳକୂପଟି ମରାମତି ନ କରିବା ଯୋଗୁ ବାସନ ଧୋଇବା, ପାଣି ପିଇବାକୁ ଛାତ୍ରୀଛାତ୍ର ବିପଜ୍ଜନକ ଭାବେ ମୁଖ୍ୟରାସ୍ତା ଅତିକ୍ରମ କରି ଦୂରରେ ଥିବା ନଳକୂପ ଜଳ ବ୍ୟବହାର କରୁଥିଲେ। ଏ ନେଇ ଧରିତ୍ରୀରେ '୨ ମାସ ହେଲା ବିଦ୍ୟାଳୟର ନଳକୂପ ଅଚଳ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ବିଭାଗ ପକ୍ଷରୁ ନଳକୂପଟିକୁ କାର୍ଯ୍ୟକ୍ଷମ କରାଯିବା ସହ ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ଏକ ପାଇପ୍ ଲାଇନ୍ ମଧ୍ୟ ବିଦ୍ୟାଳୟକୁ ସଂଯୋଗ କରାଯାଇଛି।



ମରାମତି ପରେ ନଳକୂପର ଜଳ ବ୍ୟବହାର କରାଯାଉଛି।

■ ମୁଗଡାଲି ବୋଝେଇ ଗାଡ଼ି ଜବତ ଘଟଣା

# ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଖଣ୍ଡପଡ଼ା,୧୨।୩(ସ୍ୱ.ପ୍ର.)**

ଚଳିତ ମାସ ୪ ତାରିଖ ସକାଳେ ପ୍ରାୟ ୨ଶହ ବସ୍ତା ମୁଗଡାଲି ବୋଝେଇ ଥିବା ଏକ ୪୦୭ ଗାଡ଼ିକୁ ଫତେଗଡ଼ ଓ କଣ୍ଟିଲୋ ପୋଲିସ ଭାପୁର ବାଇପାସ ରାସ୍ତାରୁ ଜବତ କରିଥିଲା। ଉକ୍ତ ଘଟଣାରେ କଣ୍ଟିଲୋ ପୋଲିସ ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଫତେଗଡ ଥାନା ଅଧୀନ ଟିଙ୍କିରିପଡା ଗ୍ରାମର ବିଜୟ କୁମାର ମହାନ୍ତି ଓ ମଣିପୁର ଗ୍ରାମର ରଞ୍ଜନ କୁମାର ଦଳେଇ। ଅଭିଯୁକ୍ତ ଦ୍ୱୟ ଏକାଧିକ ଅପରାଧ ମାମଲାରେ ସଂପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ତେବେ ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ। ସିଆରିଆ ଗ୍ରାମର ଡାଲି ମିଲ୍ ମାଲିକ ସ୍ୱାଧୀନ କେତନ ସାହୁ ଖଣ୍ଡପଡ଼ା ଥାନାରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ୪୩/୨୦୧୯ରେ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ କି, ଗତ ୨ ତାରିଖ ବିଳମ୍ବିତ ରାତିରେ କାନପୁର ଥାନା ଅନ୍ତର୍ଗତ ସିଆରିଆ ଗ୍ରାମର ଏକ ମିଲରୁ ୨ଶହ ବସ୍ତା ମୁଗଡାଲି ବୋଝେଇ ୪୦୭ ଗାଡ଼ି ନଂ-ଓଆର୍-୧୯ ଇ ୨୧୭୩ ନରସିଂହପୁରରୁ ବଲାଙ୍ଗୀର ପଠାଯାଉଥିଲା। ତେବେ ବିଳମ୍ବିତ ରାତିରେ ସିଧାମୂଳା ନିକଟ ସ୍କୁଲ ନିକଟରେ ପୂର୍ବ ଯୋଜନା କ୍ରମେ ୪ ଜଣ ଦୁର୍ବୃତ୍ତ ଉକ୍ତ ଗାଡିକୁ ଅଟକାଇ ଚାଳକକୁ କାବୁ କରି ଗାଡିଟିକୁ ଭାପୁର ବାଇପାସ୍ ଦେଇ ନେଇ ଚାଲିଯାଉଥିଲେ। କୌଣସି କାରଣରୁ ଅଭିଯୁକ୍ତମାନେ ଗାଡିକୁ ଛାଡି ଫେରାର ହୋଇଯାଇଥିବାବେଳେ ବାଇପାସ ନିକଟ ହନୁମାନ ମନ୍ଦିର ସାମନାରେ ଗାଡ଼ିଟି ରହିଥିଲା। ସ୍ଥାନୀୟ ଲୋକେ ଏଥିରୁ ମୁଗଡାଲି ବସ୍ତା ବୋହି ନେଉଥିବା ଖବର ପାଇ ଫତେଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଥିଲା। ମାମଲାଟି କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ବିଜୟଙ୍କୁ ପ୍ରଥମେ ଗିରଫ ପରେ ତାଙ୍କ ବୟାନକୁ ଆଧାର କରି ଆଇଆଇସି ବିମଳ କୁମାର ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟପ୍ରକାଶ ପରିଡ଼ା ପରେ ଅଭିଯୁକ୍ତ ରଞ୍ଜନକୁ ଗିରଫ କରିଥିଲେ।





ଜବତ ଗାଡ଼ି।

### ଅପରାଧମୁକ୍ତ ନିର୍ବାଚନ ଲକ୍ଷ୍ୟ ଆରମ୍ଭ ହେଲା ଅପରାଧ କ୍ଲିନ୍ ଡ୍ରାଇଭ

**ପୁରୀ ଅଫିସ,୧୨।୩**

ଆସନ୍ତା ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୁରୀ ଜିଲାରେ ଅପରାଧ ମୁକ୍ତ ନିର୍ବାଚନ ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସମ୍ବେଦନଶୀଳ ବୁଥ୍, ଗ୍ରାମାଞ୍ଚଳକୁ ଚିହ୍ନଟ କରାଯାଇଛି। ନିର୍ବାଚନ ପୂର୍ବରୁ ସମସ୍ତ ଥାନା ଅଞ୍ଚଳରେ ଥିବା ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ ଚାଲିଛି। ଆପରାଧିକ ଗତିବିଧି ଉପରେ ନଜର ରଖିବା ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରାଯାଇଛି। ନିର୍ବାଚନ ଯେପରି ଅପରାଧ ମୁକ୍ତ, ଅବାଧ ଏବଂ ନିରେପେକ୍ଷ ହେବ ସେଥିଲାଗି ପୁରୀ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ବୋଲି ମଙ୍ଗଳବାର ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ପୁରୀ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସମସ୍ତ ଥାନା ଅଧିକାରୀଙ୍କ ସହ ଜିଲାର ଆଇନଶୃଙ୍ଖଳା ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ଯାନବାହନ ଚେକିଂ ସହ ଅପରାଧ କ୍ଲିନ୍ ଡ୍ରାଇଭ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଆଇଜି କହିଥିଲେ।

# କନ୍ୟାଶ୍ରମରେ ପାଣି ପମ୍ପ ଅଚଳ

### ୧୨ ଦିନ ହେଲା ପାଣି ପାଇଁ ଅନ୍ତେବାସୀ ଉହଳବିକଳ

**ଭାପୁର,୧୨।୩(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବଜାରସ୍ଥିତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିଛି ବ୍ଲକର ଏକମାତ୍ର କନ୍ୟାଶ୍ରମ। ସ୍ଥାନୀୟ ଅଞ୍ଚଳ, ଜିଲା ବାହାର ଅଞ୍ଚଳରୁ ବହୁ ଆଦିବାସୀ, ହରିଜନ ଛାତ୍ରୀ ଏଠାରେ ରହି ଅଧ୍ୟୟନ କରନ୍ତି। ତେବେ ୧୨ ଦିନ ପୂର୍ବେ ହଷ୍ଟେଲ୍‌ରେ ଲାଗିଥିବା ପାଣିପମ୍ପଟି ପୋଡ଼ିଯାଇଥିବାରୁ ଜଳଯୋଗାଣ ଠପ୍ ହୋଇଯାଇଛି। ପାନୀୟ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଜଳ ନ ପାଇ ଅନ୍ତେବାସୀ ଉହଳ ବିକଳ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି। ଏବେ କନ୍ୟାଶ୍ରମ ଛାତ୍ରୀମାନେ ହଷ୍ଟେଲ ବାହାରେ (ସ୍କୁଲ ପରିସରରେ) ଥିବା ଟ୍ୟାପ୍‌ରୁ ଓ ନଳକୂପରୁ ପାଣି ଆଣୁଛନ୍ତି। ସୂଚନାଯୋଗ୍ୟ କି, ଭାପୁର ସମାଜମଙ୍ଗଳ ଅଧିକାରୀ ପଦବୀଟି ଖାଲି ପଡିଥିବାରୁ କେବଳ ଭାପୁର କନ୍ୟାଶ୍ରମ ନୁହେଁ ମାଲିବେରେଣୀ ଆଶ୍ରମ ସ୍କୁଲର ମଧ୍ୟ ବିଭିନ୍ନ ସମସ୍ୟାର ସମାଧାନ ହେବାରେ ବିଳମ୍ବ ହେଉଛି। କନ୍ୟାଶ୍ରମରେ କାର୍ଯ୍ୟରତ ଓ୍ୱାର୍ଡେନ ଲକ୍ଷ୍ମୀ ପ୍ରଧାନଙ୍କୁ ଏ ସମସ୍ୟା ନେଇ ପଚାରିବାରୁ ସେ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଇଥିବା କହିଥିଲେ। ଭାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା କହିଥିଲେ, ପାଣି ମୋଟରଟି ପୋଡିଯାଇଛି। ଆଉ ୩ ଦିନ ମଧ୍ୟରେ ତିଆରି ହୋଇଯିବ। ସେ ଉକ୍ତ ସମସ୍ୟା ନେଇ ସମାଜମଙ୍ଗଳ ଅଧିକାରୀଙ୍କ ଦାୟିତ୍ୱରେ ଥିବା ବ୍ଲକ ଜିପିଓ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ମଧ୍ୟ ଅବଗତ କରିଥିବା କହିଥିଲେ।



ଛାତ୍ରୀମାନେ ବାହାରୁ ପାଣି ଆଣୁଛନ୍ତି।

■ ଏବିଭିପିର ଜିଲାସ୍ତରୀୟ ଛାତ୍ର ସମ୍ମିଳନୀ

# ସଂସ୍କୃତର ବିକାଶ ଲାଗି ଲଢ଼େଇ ହେବ

**ପୁରୀ ଅଫିସ,୧୨।୩**

ରାଜ୍ୟ ସରକାର ସଂସ୍କୃତ ଶିକ୍ଷାର ବିକାଶ ଲାଗି ପ୍ରଚେଷ୍ଟା କରିବା ପରିବର୍ତ୍ତେ ଏହାକୁ ଶିକ୍ଷା କ୍ଷେତ୍ରରୁ ବାଦ ଦେବାକୁ ଚକ୍ରାନ୍ତ କରୁଛନ୍ତି। ସଂସ୍କୃତ ପ୍ରତି ଓଡ଼ିଶା ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଆଗାମୀ ଦିନରେ ସଂସ୍କୃତର ବିକାଶ ଲାଗି ଲଢ଼େଇ ହେବ ବୋଲି ସଦାଶିବ ପରିସରରେ ମଙ୍ଗଳବାର ଆୟୋଜିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଜିଲାସ୍ତରୀୟ ଛାତ୍ର ସମାବେଶରେ ଏବିଭିପି କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଗୋବିନ୍ଦ ନାୟକ କହିଛନ୍ତି। ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଏବିଭିପିର ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ କହିଲେ, ସଂସ୍କୃତ ହେଉଛି ଏକ ବେଦଭାଷା। ପ୍ରାଚୀନ କାଳରୁ ଏହା ପ୍ରମାଣିତ ହୋଇଛି। ରାଜ୍ୟ ସରକାର ସଂସ୍କୃତ ଭାଷା ବିରୋଧୀ। ଏବିଭିପି ଏହାକୁ ନିନ୍ଦା କରୁଛି। ଶିକ୍ଷା କ୍ଷେତ୍ରରେ ସଂସ୍କୃତ ଭାଷାକୁ ପ୍ରାଧାନ୍ୟ ଦେବା ନେଇ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏବିଭିପି ଏହାର ତୀବ୍ର ବିରୋଧ କରିବ। ସରକାରଙ୍କ ସଂସ୍କୃତମାରଣ ନୀତି ବିରୋଧରେ ଜନ ଆନ୍ଦୋଳନ, ସମାବେଶ, ଶୋଭାଯାତ୍ରା, ଦସ୍ତଖତ ଅଭିଯାନ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଛାତ୍ରୀ ପ୍ରମୁଖ ସଂଘମିତ୍ରା ସେଠୀ, ଅସ୍ତରଙ୍ଗ ନଗର ସମ୍ପାଦକ ନୀଳାମ୍ବୁ ସାହୁ, ସଦାଶିବ ପରିସର ଛାତ୍ର ପ୍ରମୁଖ ବିକ୍ରମ ଷଡ଼ଙ୍ଗୀ, ସାଗର କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର ସଦାଶିବ କ୍ୟାମ୍ପସରୁ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

### ରେଲୱେ ସ୍କୁଲ ପୁରାତନ ବିଦ୍ୟାର୍ଥୀ ସଙ୍ଗଠନର ନୂତନ କର୍ମକର୍ତ୍ତା

**ଜଟଣୀ,୧୨।୩(ଡି.ଏନ.ଏ.):** ଜଟଣୀ ରେଲୱେ ସ୍କୁଲର ପୁରାତନ ବିଦ୍ୟାର୍ଥୀ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଡା. ସଞ୍ଜୟ ଦାସ ସଭାପତି, ସୁବ୍ରତ କୁମାର ପଣ୍ଡା ଓ ସଚ୍ଚିଦାନନ୍ଦ ରାଉତ ଉପସଭାପତି, ଅଧ୍ୟାପକ ତପନ ମିଶ୍ର ସାଧାରଣ ସମ୍ପାଦକ, କାକଲି ମୁନ୍‌ସୀ, ହରିହର ରାଓ, ନଳିନୀ ସ୍ୱାଇଁ ସହସମ୍ପାଦକ, ଦିଲୀପ କୁମାର ପାଣିଗ୍ରାହୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

■ ୨୧ରେ ଦୋଳପୂର୍ଣ୍ଣିମୀ

# ସଜେଇ ହେଲାଣି ଦୋଳବେଦି

**ପୁରୀ ଅଫିସ,୧୨।୩**

ଆସନ୍ତା ୨୧ ତାରିଖରେ ଦୋଳପୂର୍ଣ୍ଣିମୀ। ଏଥିପାଇଁ ସଜେଇ ହେଲାଣି ଦୋଳବେଦି। ଦୋଳପୂର୍ଣ୍ଣିମୀରେ ଦୋଳବେଦି କୁଞ୍ଜରେ ଦୋଳି ଖେଳିବେ ଶ୍ରୀଦୋଳଗୋବିନ୍ଦ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଦୋଳବେଦି ପରିସରକୁ ସଫା କରିବା ଆରମ୍ଭ କରିଛି। ମଙ୍ଗଳବାର ବେଦି ଚତୁଃପାର୍ଶ୍ୱକୁ ସଫା କରାଯାଇଛି। ପ୍ରାଚୀର କାନ୍ଥ, ଗ୍ରୀଲ ଏବଂ ବେଦି ଉପରକୁ ପ୍ରବେଶ ପଥ ଦୁଇପାର୍ଶ୍ୱରେ ଥିବା ସିଂହ ଆଦିରେ ଚୂନ ଧଉଳା ଯାଇଛି। ଏହି ରଙ୍ଗ ଏବଂ ସଫେଇ କାମ ଆହୁରି ୫/୬ ଦିନ ଲାଗିବ ବୋଲି ଜଣାପଡ଼ିଛି। ଦୋଳପୂର୍ଣ୍ଣିମୀ ଦିନ ଏହି ବେଦିକୁ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କ ଚଳନ୍ତି ପ୍ରତିମା ବିଜେ କରିଥାନ୍ତି। ଏଠାରେ ଦେବଦେବୀଙ୍କ କେତେକ ସ୍ୱତନ୍ତ୍ର ନୀତି ସମ୍ପାଦନ ହୋଇଥାଏ। ଠାକୁରମାନେ ଦୋଳବେଦି କୁଞ୍ଜରେ ଝୁଲିଥାନ୍ତି। ଶ୍ରଦ୍ଧାଳୁମାନେ ଦେବଦେବୀଙ୍କୁ ଦର୍ଶନ କରିବା ସହ ଭୋଗ, ପୂଜାର୍ଚ୍ଚନା ଏବଂ ଅବିର ଲାଗି କରିଥାନ୍ତି। ବିଳମ୍ବିତ ରାତିରେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। ବିଶ୍ୱାସ ରହିଛି ରଥରେ ବାମନରୂପୀ ଶ୍ରୀଜଗନ୍ନାଥଙ୍କୁ, ଚାପରେ ମଧୁସୂଦନଙ୍କୁ ଏବଂ ଦୋଳ ଝୁଲଣରେ ଶ୍ରୀଗୋବିନ୍ଦଙ୍କୁ ଦର୍ଶନ କଲେ ମନୁଷ୍ୟ ମୁକ୍ତି ଲାଭ କରିଥାଏ।

ଅତୀତରେ ୧୪୮୧ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କ ସମୟରେ ଦୋଳମଣ୍ଡପ ସାହିସ୍ଥ ଦୋଳମଣ୍ଡପରେ ରତ୍ନସିଂହାସନାଧିଷ୍ଠିତ ଦାରୁବିଗ୍ରହମାନେ ବିଜେ ହେଉଥିଲେ। କାଳକ୍ରମେ ଉକ୍ତ ମଣ୍ଡପଟି ଜରାଜୀର୍ଣ୍ଣ ହୋଇପଡ଼ିବା ସହିତ କେତେକ ଅସୁବିଧାଜନିତ କାରଣ ଯୋଗୁ ସେଠାକୁ ଠାକୁରମାନଙ୍କୁ ବିଜେ କରାଯାଇ ନ ଥିଲା। ଶ୍ରୀମନ୍ଦିର ମେଘନାଦ ପ୍ରାଚୀର ବାହାରେ ଥିବା ଉତ୍ତର-ପୂର୍ବ କୋଣସ୍ଥିତ ଏହି ସ୍ଥାନରେ ନୂତନ ଭାବେ ଦୋଳବେଦି ନିର୍ମାଣ କରାଯାଇଥିଲା। ସମ୍ପ୍ରତି ଏହି ସ୍ଥାନ ଦୋଳବେଦି କୁଞ୍ଜ ନାମରେ ପରିଚିତ।



ଦୋଳପୂର୍ଣ୍ଣିମୀ ପାଇଁ ଦୋଳବେଦି ସଜା ଚାଲିଛି।

■ ନୀଳମାଧବ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

# ସାଇକେଲ ଷ୍ଟାଣ୍ଡ, ପାଚେରି ନିର୍ମାଣରେ ଅନିୟମିତତା

**ଖଣ୍ଡପଡା,୧୨।୩(ସ୍ୱ.ପ୍ର.)**

'ନାକ୍'ମାନ୍ୟତାପ୍ରାପ୍ତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ ମଙ୍ଗଳବାର ଅପରାହ୍ଣରେ ଏହାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ତଥା ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ବରିଷ୍ଠ ସଭ୍ୟ ଅଖିଳ କୁମାର ମହାରଣା ବୈଠକରେ ଅଧ୍ୟକ୍ଷତା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ କଲେଜ ପରିସରରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଓ ସୁରକ୍ଷା ପାଚେରିରେ ଅନିୟମିତତା ତଥା ଅର୍ଥ ହେରଫେର ହୋଇଥିବା ନେଇ କେତେଜଣ ଛାତ୍ର ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଓ ଜଣେ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟର ତନଖି ପରେ ପ୍ରସ୍ତୁତ ରିପୋର୍ଟକୁ ଏଠାରେ ପାଠ କରାଯାଇଥିଲା। ଏହି ରିପୋର୍ଟକୁ ଯାଞ୍ଚ କରିବା ପାଇଁ ୪ଜଣିଆ କମିଟି ଗଠନ କରାଯାଇ ତୁରନ୍ତ ରିପୋର୍ଟ ଦାଖଲ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ କଲେଜରେ କିଛି ପଦ/ପଦବୀର ନିଯୁକ୍ତି ଆବଶ୍ୟକତା ଉପଲବ୍ଧି କରି ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ଦେବା ପାଇଁ ପରିଚାଳନା କମିଟି, କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକଙ୍କୁ ଦାୟିତ୍ୱ ଦିଆଗଲା। ଷ୍ଟକ୍ ରେଜିଷ୍ଟର, ଉପସ୍ଥାନ ଆଦିରେ ଅନିୟମିତତା ହେଲେ ତୁରନ୍ତ ପଦକ୍ଷେପ ନେବାକୁ ସୁଜଳ କୁମାର ମହାରଣା, ଈଶ୍ୱର ଚନ୍ଦ୍ର ମିଶ୍ର ପ୍ରମୁଖ ସଦସ୍ୟ ଦାବି କରିଥିଲେ। କଲେଜ ଫି ବୃଦ୍ଧି କ୍ଷେତ୍ରରେ ଏହା ନିକଟସ୍ଥ ଶିକ୍ଷାନୁଷ୍ଠାନ ଦେୟଠାରୁ ଯେପରି ଅଧିକ ନ ହେବ ସେଥିପ୍ରତି ଗୁରୁତ୍ୱାରୋପ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଦାଶ, ଜୁନିୟର କଲେଜ ଅଧ୍ୟକ୍ଷ ଡ. ପବିତ୍ର କୁମାର ସୁବୁଦ୍ଧି, ଅଧ୍ୟାପିକା ମାନସୀ ଦ୍ୱାରୀ, ଅଧ୍ୟାପକ ମହାରଣା, ହୃଷୀକେଶ ମିଶ୍ର, ସରପଞ୍ଚ ପ୍ରଦୀପ କୁମାର କର, ସମିତି ସଭ୍ୟ ସଦାନନ୍ଦ ପ୍ରଧାନ, ସଦସ୍ୟା ବାସନ୍ତୀ ପଣ୍ଡା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସତପଥୀ, ବରିଷ୍ଠ କିରାଣି ଲକ୍ଷ୍ମୀଧର ଚିନରା ପ୍ରମୁଖ ଉପସ୍ଥିତ ଥିଲେ।





ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ରିପୋର୍ଟ ଦାଖଲ ନେଇ ପ୍ରସ୍ତାବ**

